# ସର୍ବହରା କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) • ଓଡ଼ିଆ ମୁଖପତ୍ର - ପାକ୍ଷିକ • ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ• ମୂଲ୍ୟ-୫ଟଙ୍କା

VOL NO. - 13, ISSUE NO. - 27, DATE : 15.06.2026 - 30.06.2026 FORTNIGHTLY (ODIA), BHUBANESWAR. PAGES-08


## ବୈଦେଶିକ ମୁଦ୍ରା ସଂଚୟ ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ, ପ୍ରଚାର ଓ ବାସ୍ତବତା

ମଇ ୪ ତାରିଖରେ ୫ ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ଭୋଟ ଗଣତି ଶେଷ ହେବା ପରେ ପରେ ମଇ ୧୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତେଲେଙ୍ଗାନାର ଏକ ସାଧାରଣ ସଭାରେ ଉଦବୋଧନ ଦେଇ ବର୍ତ୍ତମାନ ଦେଶ ସମ୍ମୁଖୀନ ହୋଇଥିବା ସଙ୍କଟଜନକ ପରିସ୍ଥିତିରେ ଆମଦାନୀ କରାଯାଉଥିବା ବିଭିନ୍ନ ସାମଗ୍ରୀର ବ୍ୟବହାର ହ୍ରାସ କରିବା ପାଇଁ ଆହ୍ୱାନ ଦେଇଥିଲେ। ସେହିଦିନ ବେଙ୍ଗାଲୁରୁ ଓ ତା ପରଦିନ ଗୁଜୁରାଟର ସୋମନାଥଠାରେ ପ୍ରଧାନମନ୍ତ୍ରୀ ସମାନ କଥା କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ସେହି ଆହ୍ୱାନ ହେଉଛି - ଯେତେ ଅଧିକ ସମ୍ଭବ ପେଟ୍ରୋଲ ଓ ଡିଜେଲର ବ୍ୟବହାର ହ୍ରାସ କରିବା, ନିଜ ମଟର ଗାଡ଼ି ପରିବର୍ତ୍ତେ ବସ, ଟ୍ରେନ ଓ ମେଟ୍ରୋ ରେ ଯାତାୟାତ କରିବା, ପେଟ୍ରୋଲ - ଡିଜେଲ ବ୍ୟବହାର କମାଇବା ପାଇଁ ଘରେ ବସି କାମ କରିବା (Work from Home), ପେଟ୍ରୋଲ ଡିଜେଲ ଗାଡ଼ି ବଦଳରେ ବ୍ୟାଟେରୀ ଚାଳିତ ଗାଡ଼ି (EV) ବ୍ୟବହାର କରିବା, ଆଗାମୀ ଗୋଟିଏ ବର୍ଷ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ସୁନା ଖରିଦ ନକରିବା, ବୁଲିବା ପାଇଁ ବିଦେଶ ନଯାଇ ଦେଶ ଭିତରେ ଛୁଟି କଟାଇବା, ବିଦେଶରେ ବାହାଘର ନକରିବା, ଖାଇବା ତେଲର ବ୍ୟବହାର କମ୍ କରିବା ଓ ଚାଷ ପାଇଁ ରାସାୟନିକ ସାର ବଦଳରେ କମ୍ପୋଷ୍ଟ ଖତ ବ୍ୟବହାର କରିବା। ଏହା ବ୍ୟତୀତ ବିଦେଶୀ ସାମଗ୍ରୀ ବର୍ଜନ କରି ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରିବା; ଅର୍ଥାତ୍ ତାଙ୍କର ପୁରୁଣା ସ୍ଲୋଗାନ୍ 'ଭୋକାଲ ଫର୍ ଲୋକାଲ' ଡାକରାର ଅନୁପାଳନ ପାଇଁ ମଧ୍ୟ ପ୍ରଧାନମନ୍ତ୍ରୀ ଉପଦେଶ ଦେଇଛନ୍ତି।

ଏହି ଧରଣର ଆହ୍ୱାନ ପଛରେ ପ୍ରଧାନମନ୍ତ୍ରୀ ଯେଉଁ କାରଣ ଦର୍ଶାଇଥିଲେ ସେଗୁଡ଼ିକୁ ଏଠାରେ ସଂକ୍ଷେପରେ ଉଲ୍ଲେଖ କରାଯାଉଛି। ପ୍ରଧାନମନ୍ତ୍ରୀଙ୍କ କହିବା ଅନୁଯାୟୀ କରୋନା ମହାମାରୀ ପରେ ଦେଶ ଯେତେବେଳେ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧିର ରାସ୍ତାରେ ଆଗେଇ ଚାଲିଥିଲା ଠିକ୍ ସେଇ ସମୟରେ ରୁଷିଆ - ୟୁକ୍ରେନ ଯୁଦ୍ଧ ଆରମ୍ଭ ହେଇଗଲା। ସେହି ଯୁଦ୍ଧ ଆଜିବି ଚାଲିଛି। ଏହା ଫଳରେ ଖାଦ୍ୟ (food), ଜାଳେଣୀ (fuel) ଅର୍ଥାତ୍ ପେଟ୍ରୋଲ ଓ ଡିଜେଲ, ଓ ସାର (fertilizer) ଯୋଗାଣ ଚେନ୍ ଗୁରୁତର ଭାବରେ ପ୍ରଭାବିତ ହେଲା। ଏହି ପରିସ୍ଥିତିରେ ଗତ ଦୁଇ ମାସ ଧରି ଅମେରିକା - ଇରାନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଲାଗିରହିଛି, ହରମୁଜ ପ୍ରଣାଳୀ ଏବେବି ଅବରୁଦ୍ଧ। ଏହା ଫଳରେ ପେଟ୍ରୋଲ, ଡିଜେଲ ଓ ଗ୍ୟାସ ଦର ଆକାଶରୁ ବି ଅଧିକ ଉଚ୍ଚ ହୋଇଚି। ଏସବୁ ସାମଗ୍ରୀର ଯୋଗାଣ ମଧ୍ୟ ପ୍ରଭାବିତ ହୋଇଛି। ଭାରତରେ ଆବଶ୍ୟକତାର ସିଂହ ଭାଗ ଅଶୋଧିତ ତେଲ, ସୁନା, ଖାଇବା ତେଲ ଓ ରାସାୟନିକ ସାର ଆମଦାନୀ କରିବାକୁ ପଡୁଥିବାରୁ ଏଥିପାଇଁ ପ୍ରଚୁର ବୈଦେଶିକ ମୁଦ୍ରା ଖର୍ଚ୍ଚ କରିବାକୁ ପଡୁଛି ଏବଂ ସେଥିପାଇଁ ଦେଶର ଅର୍ଥନୀତି ଉପରେ ଚାପ ପଡୁଛି। ବିଦେଶ ଗସ୍ତ ପାଇଁ ମଧ୍ୟ ବୈଦେଶିକ ମୁଦ୍ରା ଖର୍ଚ୍ଚ ହେଉଛି। ଏହା ଫଳରେ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ସଙ୍କୁଚିତ ହେଉଛି। ଏହି ପରିସ୍ଥିତିରେ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାରକୁ ସୁରକ୍ଷିତ ରଖିବାପାଇଁ ଉପରୋକ୍ତ ସାମଗ୍ରୀର ବ୍ୟବହାର କମ କରିବା ଆବଶ୍ୟକ ଏବଂ ଏହା ନକଲେ ନିକଟ ଭବିଷ୍ୟତରେ ଦେଶ ଆର୍ଥିକ ସଙ୍କଟର ସମ୍ମୁଖିନ ହୋଇପାରେ। କେବଳ ସେତିକି ନୁହେଁ, ଏସବୁ ବ୍ୟବହାର କମ୍ କରିବା ହିଁ ହେଉଛି ଦେଶ ଭକ୍ତି ଏବଂ ଦେଶ ହିତରେ ନିଜର ଦେଶଭକ୍ତିର ପ୍ରମାଣ ଦେବାପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏହି ଆହ୍ୱାନ ଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ହେବ ବୋଲି ମଧ୍ୟ ପ୍ରଧାନମନ୍ତ୍ରୀ କହିଥିଲେ।

ଆମେ ଏଠାରେ ପାଠକ ମାନଙ୍କୁ ସ୍ମରଣ କରାଇଦେବାକୁ ଚାହୁଁ ଯେ ସଦ୍ୟ ସମାପ୍ତ ୫ ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳର ବିଧାନସଭା ନିର୍ବାଚନ ପ୍ରଚାର ସମୟରେ କିମ୍ବା ତା ପୂର୍ବରୁ ପ୍ରଧାନମନ୍ତ୍ରୀ ଏହି ଧରଣର ସମ୍ଭାବ୍ୟ ସଙ୍କଟ ସମ୍ପର୍କରେ କୌଣସି ଉଲ୍ଲେଖ କରିନଥିଲେ ବରଂ ଠିକ୍ ଓଲଟା କଥା କହୁଥିଲେ। ଦେଶର ଅର୍ଥନୀତି ସମ୍ପର୍କରେ ଗୋଲାପୀ ଚିତ୍ର ଉପସ୍ଥାପନ କରୁଥିଲେ। ଭାରତର ଅର୍ଥନୀତି ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ଅଗ୍ରସର ହେଉଥିବା ଅର୍ଥନୀତି ବୋଲି ପ୍ରଚାର କରୁଥିଲେ ଏବଂ ଖୁବ୍ ଶୀଘ୍ର ଭାରତ ଜାପାନକୁ ଅତିକ୍ରମ କରି ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତିରେ ପରିଣତ ହେବ ବୋଲି ଦାବି କରୁଥିଲେ। ଆମେରିକା - ଇରାନ ଯୁଦ୍ଧ ସତ୍ତ୍ୱେ ଦେଶରେ ଯଥେଷ୍ଟ ଇନ୍ଧନ ମହଜୁଦ୍ ରହିଛି, ଦେଶବାସୀ ନିଶ୍ଚିନ୍ତ ରୁହନ୍ତୁ ବୋଲି ଆଶ୍ୱାସନା ଦେଇଥିଲେ। କେବଳ ସେତିକି ନୁହେଁ ଏପ୍ରିଲ ୨୮ - ୨୯ ତାରିଖ ପର୍ଯ୍ୟନ୍ତ ଶହ ଶହ ସଂଖ୍ୟାରେ ଗାଡି ମଟର, ବହୁ ସଂଖ୍ୟାରେ ହେଲିକ୍ୟାପ୍ଟର ବ୍ୟବହାର କରି ବିଜେପି ଦଳର ନେତା ମନ୍ତ୍ରୀ, ସ୍ୱୟଂ ପ୍ରଧାନମନ୍ତ୍ରୀ ଘମାଘୋଟ ନିର୍ବାଚନ ପ୍ରଚାର କରୁଥିଲେ ଏବଂ ପେଟ୍ରୋଲ, ଡିଜେଲ ଖର୍ଚ୍ଚ ହ୍ରାସ ପ୍ରସଙ୍ଗରେ କୌଣସି ଆଲୋଚନା ହିଁ ନଥିଲା।

ନିର୍ବାଚନ ସରିବାପରେ ହଠାତ୍ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ପରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ଶାସକ ବିଜେପି ଦଳର ନେତା ଏପରିକି ଓଡ଼ିଶା ସମେତ କେତେକ ରାଜ୍ୟର ଉଚ୍ଚ ନ୍ୟାୟାଳୟର ବିଚାରପତି ମାନେ ସାଇକଲ ଚଳାଇ ଅଫିସ ଆସିବାର ପ୍ରହସନ ଦେଖିବାକୁ ମିଳିଥିଲା।

ତେବେ ନିର୍ବାଚନ ପ୍ରଚାର ଶେଷ ହେଲାବେଳକୁ ସରକାରଙ୍କର ବଦାନ୍ୟରରେ ପରିଣତ ହୋଇଥିବା ଗଣମାଧ୍ୟମର ଏକାଂଶ ଯୁଦ୍ଧ ଯୋଗୁ ବିଶ୍ୱ ବଜାରରେ ଅଶୋଧିତ ତେଲର ଦର ବୃଦ୍ଧି ଫଳରେ ଦେଶର ତେଲ କମ୍ପାନୀ ମାନେ ଦିନକୁ ୧୦୦୦ କୋଟି ଟଙ୍କା କ୍ଷତି କରୁଥିବାରୁ ପେଟ୍ରୋଲ ଓ ଡିଜେଲର ଖୁଚୁରା ଦର ବୃଦ୍ଧି ହେବା ଜରୁରୀ ବୋଲି

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

## ସୋର ରେଲଷ୍ଟେସନରେ ବଜରଙ୍ଗ ଦଳ ଓ ଆର୍‌ଏସ୍‌ଏସ୍ ସହିତ ସଂପୃକ୍ତ କଥିତ ଅପରାଧି ମାନଙ୍କ ଉନ୍ମତ୍ତକାଣ୍ଡ ରାଜ୍ୟରେ ବଢିଚାଲିଥିବା ଲଗାମହୀନ ଭିଡହିଂସାର ପ୍ରତିଫଳନ

୨୦୧୪ ମସିହାରେ କେନ୍ଦ୍ରରେ ବିଜେପି ସରକାର ପ୍ରତିଷ୍ଠିତ ହେବା ପରଠାରୁ ସମଗ୍ର ଦେଶରେ ସରକାରୀ ଦଳର ପ୍ରୋତ୍ସାହନ ଓ ସରକାରୀ କଳର ନିଷ୍କ୍ରିୟତା ଓ ପରୋକ୍ଷ ବା ପ୍ରତ୍ୟକ୍ଷ ମଦଦରେ ଭିଡ଼ ହିଂସା ଉଦବେଗଜନକ ଭାବରେ ବଢ଼ି ଚାଲିଛି। ଆମ ରାଜ୍ୟରେ ୨୦୨୪ ନିର୍ବାଚନରେ ବିଜେପି ଦଳ କ୍ଷମତାସୀନ ହେବାପରେ ଏହି ଧରଣର ଅପରାଧ ଦ୍ରୁତ ବଢ଼ି ଚାଲିଛି। ରାଜ୍ୟ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଉପସ୍ଥାପନ କରିଥିବା ତଥ୍ୟ ଅନୁଯାୟୀ ବିଜେପି ରାଜ୍ୟରେ କ୍ଷମତାସୀନ ହେବା ପରେ ସାତଟି ଭିଡ଼ ହିଂସା ଘଟଣା ଘଟିଛି ଓ ଏଥିରେ ୭ ଜଣ ଲୋକ ପ୍ରାଣ ହରାଇଛନ୍ତି।ବାସ୍ତବରେ ସରକାରୀ ହିସାବ ଠାରୁ ଏହି ଧରଣର ବହୁ ଅଧିକ ଘଟଣା ଘଟିଛି ଯାହାକୁ ଜାଣିଶୁଣି ସରକାରୀ ରେକର୍ଡ ଭୁକ୍ତ କରାଯାଇନାହିଁ। ବିଭିନ୍ନ ପ୍ରକାର ଗୁଜବ, ବିଶେଷକରି ଗୋ ଚାଲାଣ, ଗୋ ହତ୍ୟା, ଧର୍ମାନ୍ତରୀକରଣ, ବଙ୍ଗଳାଦେଶୀ ଅନୁପ୍ରବେଶ ଭଳି ମିଥ୍ୟା ଗୁଜବ ପ୍ରଚାର କରାଯାଇ ପରିକଳ୍ପିତ ଓ ସୁସଂଗଠିତ ଭାବରେ ଏକ ନିର୍ଦ୍ଦିଷ୍ଟ ଦକ୍ଷିଣପନ୍ଥୀ ଅପରାଧୀ ଗୋଷ୍ଠୀ ଦ୍ୱାରା ଏହିଧରଣର ହିଂସା କାଣ୍ଡ କରାଯାଉଛି। କେବଳ ସଂଖ୍ୟାଲଘୁ ସମ୍ପ୍ରଦାୟର ଦରିଦ୍ର ଲୋକ ଯେ ଏହି ଧରଣର ହିଂସାର ଶୀକାର ହେଉଛନ୍ତି ତା ନୁହେଁ। ସମାଜର ବିଭିନ୍ନ ବଂଚିତ ସମ୍ପ୍ରଦାୟର ଲୋକ ମଧ୍ୟ ଏହାର ଶିକାର ହେଉଛନ୍ତି। ପୋଲିସ ପ୍ରଶାସନର ନିଷ୍କ୍ରିୟତା ବା ଅପରାଧୀ ମାନଙ୍କ ସହିତ ପୋଲିସ ପ୍ରଶାସନର ଅଲିଖିତ ଅସାଧୁ ମେଣ୍ଟ ଯୋଗୁ ଅଧିକାଂଶ ସ୍ଥାନରେ ଅପରାଧୀ ମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ, କିମ୍ବା ଲୋକଦେଖାଣିଆ କାର୍ଯ୍ୟାନୁଷ୍ଠାନ ହେଉଛି। ନିକଟ ଅତୀତରେ ରାଜ୍ୟର ବିଭିନ୍ନ ସ୍ଥାନରେ ଅନେକ ଗୁଡ଼ିଏ ଭୟାବହ ଓ ଲୋମହର୍ଷଣକାରୀ ଭିଡ଼ ହିଂସା ଓ ହତ୍ୟା ଘଟଣା ଘଟିଛି।




(ସୋର ଘଟଣାରେ ଭୁବନେଶ୍ୱର ଲୋହିଆ ଏକାଡେମୀଠାରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ)

୨୦୨୬ ମଇ ୧୬ ତାରିଖ ରାତିରେ ବାଲେଶ୍ୱର ଜିଲ୍ଲାର ସୋର ରେଳ ଷ୍ଟେସନରେ

(ଅବଶିଷ୍ଟାଂଶ ୫ମ ପୃଷ୍ଠାରେ)


ଭିତର ପୃଷ୍ଠାରେ

★ ଜାତୀୟ ଶିକ୍ଷାନୀତି ୨୦୨୦, NTA, ନୀଟ୍ (NEET)ର ବ୍ୟବସାୟୀକରଣ ଏବଂ ସିବିଏସ୍‌ଇ (CBSE) ମୂଲ୍ୟାୟନରେ ବ୍ୟାପକ ତ୍ରୁଟି : ଏକ ବିଫଳ ଶିକ୍ଷା ବ୍ୟବସ୍ଥା ଓ ଛାତ୍ର ସମାଜର ଦୁର୍ଦ୍ଦଶା

★ ପ୍ରବଳ ଗ୍ରୀଷ୍ମ ପ୍ରବାହ, ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ଘନଘନ ବିଜୁଳିକାଟ ଓ ଡବଲ ଇଞ୍ଜିନ ସରକାରର ନିର୍ବାଚନୀ ପ୍ରତିଶ୍ରୁତି

# ଜାତୀୟ ଶିକ୍ଷାନୀତି ୨୦୨୦, NTA, ନୀଟ୍ (NEET)ର ବ୍ୟବସାୟୀକରଣ ଏବଂ ସିବିଏସ୍ଇ (CBSE) ମୂଲ୍ୟାୟନରେ ବ୍ୟାପକ ତ୍ରୁଟି : ଏକ ବିଫଳ ଶିକ୍ଷା ବ୍ୟବସ୍ଥା ଓ ଛାତ୍ର ସମାଜର ଦୁର୍ଦ୍ଦଶା

ସଂପ୍ରତି କେବଳ ନୀଟ୍ (NEET) ପ୍ରଶ୍ନପତ୍ର ଲିକ୍ ବା ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (NTA) ର ବିଫଳତା ନୁହେଁ, ବରଂ ନିକଟରେ ପ୍ରକାଶିତ ସିବିଏସ୍ଇ (CBSE) ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଫଳାଫଳରେ ଦେଖାଦେଇଥିବା ଅଭାବନୀୟ ଜାଲିଆତି ଏବଂ ତ୍ରୁଟି ମଧ୍ୟ ସମାନ ଭାବରେ ଉଦ୍‌ବେଗଜନକ। ଏସବୁ ଆକସ୍ମିକ ତ୍ରୁଟି ନୁହେଁ, ବରଂ ଏହା ଏକ ସୁଚିନ୍ତିତ ଢଙ୍ଗରେ ପରିଚାଳିତ ଶିକ୍ଷା ବ୍ୟବସ୍ଥାର ବ୍ୟବସାୟୀକରଣ ଏବଂ ଘରୋଇକରଣର ପରିଣାମ। ଯେତେବେଳେ ଶିକ୍ଷାକୁ ସମାଜ ଗଠନର ମାଧ୍ୟମ ପରିବ© ଏକ ଲାଭଜନକ ବ୍ୟବସାୟ ବା ପଣ୍ୟ ଭାବରେ ବିବେଚନା କରାଯାଏ, ସେତେବେଳେ ଏଭଳି ଦୁର୍ନୀତି ଏବଂ ଘୋଟାଲା ଅନିବାର୍ଯ୍ୟ ହୋଇପଡେ। ଜାତୀୟ ଶିକ୍ଷାନୀତି ୨୦୨୦, NTA ର ଗଠନ, ପରୀକ୍ଷାର କେନ୍ଦ୍ରୀକରଣ ଏବଂ ସିବିଏସ୍ଇ ଦ୍ୱାରା ଅବୈଜ୍ଞାନିକ ଡିଜିଟାଲ୍ ମୂଲ୍ୟାୟନର ବ୍ୟବହାର - ଏସବୁ ଗୋଟିଏ ଶୃଙ୍ଖଳାର ଅଂଶ ବିଶେଷ, ଯାହାର ମୂଳ ଲକ୍ଷ୍ୟ ହେଉଛି ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ପୁଞ୍ଜିପତିମାନଙ୍କ ସ୍ୱାର୍ଥ ସାଧନ କରିବା ଏବଂ ଛାତ୍ର ସମାଜର ଭବିଷ୍ୟତ ସହ ଖେଳିବା। ନୀଟ୍-ୟୁଜି (NEET-UG) ପରୀକ୍ଷା ଦୁର୍ନୀତି ଏବଂ ବାତିଲ ହେବାର ଆଶଙ୍କା ମଧ୍ୟରେ ଅନେକ କଢ଼ି ଅକାଳରେ ଝଡ଼ିଗଲେଣି। ଅନେକ ପରିବାର, ବହୁ ମା-ବାପାଙ୍କ ସ୍ୱପ୍ନ ଧୂଳିସାତ୍ ହୋଇଗଲାଣି। ଚିକିତ୍ସକ ହୋଇ ଏମାନେ ହୁଏତ ସମାଜରେ ବିରାଟ ଦାୟିତ୍ୱ ପାଳନ କରିଥାନ୍ତେ, ବହୁ ମଣିଷଙ୍କ ରୋଗ-ଯନ୍ତ୍ରଣା ଦୂର କରିଥାନ୍ତେ; ସେହି ସମ୍ଭାବନାର ଅଙ୍କୁର ବିନଷ୍ଟ କରିବା ପାଇଁ ଦାୟୀ କିଏ ? ନିଦ୍ରାହୀନ ରାତି, ପ୍ରଚଣ୍ଡ ମାନସିକ ଉ©ଜନାକୁ ସାମନାକରି ପରୀକ୍ଷା ଦେଇ ଆସିଥିବା ଯେଉଁ ୨୩ ଲକ୍ଷ ଛାତ୍ରଛାତ୍ରୀ ଟିକିଏ ଆସ୍ୱସ୍ତି ପାଇଥିଲେ, ପ୍ରଶ୍ନପତ୍ର ଲିକ୍ ଓ ଦୁର୍ନୀତିର ଖବର ଶୁଣି ସେମାନଙ୍କ ମଧ୍ୟରୁ କେତେ ଲକ୍ଷ ପୁଣି ଚୂଡ଼ାନ୍ତ ହତାଶା-ଆତଙ୍କରେ ମାନସିକ ଅବସାଦର ଶିକାର ହେବେ ତାହା କେହି କହିପାରିବେ ନାହିଁ। ତେବେ କିଏ ଏହାର ଉତ୍ତରଦାୟୀତ୍ୱ ବହନ କରିବ ?

**ଜାତୀୟ ଶିକ୍ଷାନୀତି ୨୦୨୦: ଘରୋଇକରଣ ଓ କେନ୍ଦ୍ରୀକରଣର ଏକ ବିପଜ୍ଜନକ ନକ୍ସା**

ବିଭିନ୍ନ ସମୟରେ ବୁଦ୍ଧିଜୀବୀ ଏବଂ ଏଆଇଡିଏସଓ ଭଳି ଅଗ୍ରଣୀ ଛାତ୍ର ସଂଗଠନମାନେ ଆଗରୁ କହିଆସିଛନ୍ତି ଯେ, ଜାତୀୟ ଶିକ୍ଷାନୀତି ୨୦୨୦ (NEP ୨୦୨୦) ର ବାସ୍ତବିକ ଉଦ୍ଦେଶ୍ୟ ଗୁଣାତ୍ମକ ଶିକ୍ଷାର ବିକାଶ ନୁହେଁ, ବରଂ ଏହା ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ ସାଂପ୍ରଦାୟୀକରଣ ଏବଂ କେନ୍ଦ୍ରୀକରଣ କରିବା ପାଇଁ ପ୍ରସ୍ତୁତ ହୋଇଛି। ଏହି ନୀତି ମାଧ୍ୟମରେ ସରକାର ନିଜର ସାମ୍ବିଧାନିକ ଦାୟିତ୍ୱରୁ ଓହରି ଯାଇ ଶିକ୍ଷାକୁ ଘରୋଇ ସଂସ୍ଥା ଏବଂ ବଜାର ହାତରେ ଟେକି ଦେଉଛନ୍ତି। ଏହାର ଫଳସ୍ୱରୂପ, ସାଧାରଣ ତଥା ଗରିବ ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚଶିକ୍ଷା କ୍ରମଶଃ ସ୍ୱପ୍ନ ପାଲଟି ଯାଉଛି। କେନ୍ଦ୍ର ସରକାରଙ୍କର ଛାତ୍ରଛାତ୍ରୀଙ୍କ ପ୍ରତି ଥିବା ଚରମ ଅବହେଳା ଏବଂ ସେମାନଙ୍କୁ କେବଳ ଏକ ଉପଭୋକ୍ତା ଭାବରେ ବିଚାର କରିବାର ଅନୈତିକ ମନୋଭାବ ହିଁ ଏହି ସମସ୍ୟାର ମୂଳ କାରଣ।

**NTA ର ଗଠନ ଏବଂ ଏହାର କଳଙ୍କିତ ଇତିହାସ**

କେନ୍ଦ୍ରୀୟ ଶିକ୍ଷା ବିଭାଗ ଅଧୀନରେ ୨୦୧୭ ମସିହାରେ ଏକ ସ୍ୱୟଂଶାସିତ ସଂସ୍ଥା ଭାବରେ NTA ଗଠନ କରାଯାଇଥିଲା। NTA କୌଣସି ଶିକ୍ଷାଗତ ଉନ୍ନତି ବା ଛାତ୍ରମାନଙ୍କ ମଙ୍ଗଳ ପାଇଁ ପ୍ରତିଷ୍ଠା ହୋଇନଥିଲା, ଏହା ସଂପୂର୍ଣ୍ଣ ଭାବେ ପରୀକ୍ଷା ବ୍ୟବସ୍ଥାର ଘରୋଇକରଣ ଏବଂ ବ୍ୟବସାୟୀକରଣ ପାଇଁ ପ୍ରସ୍ତୁତ ହୋଇଥିଲା। ଏହା କେବଳ ଏକ ଘରୋଇ ପରୀକ୍ଷା ପରିଚାଳନା କଂପାନୀ (Testing Company) ଭାବରେ କାର୍ଯ୍ୟ କରୁଛି।

ଗତ ୯ ବର୍ଷର କାର୍ଯ୍ୟକାଳ ମଧ୍ୟରେ NTA ପ୍ରାୟ ୮୯ରୁ ଉର୍ଦ୍ଧ୍ୱ ପରୀକ୍ଷା ପରିଚାଳନା କରିଥିବା ବେଳେ ସେଥିରୁ ଅନେକ ପରୀକ୍ଷାରେ ବଡ଼ ବଡ଼ ଘୋଟାଲାର ଅଭିଯୋଗ ଆସିଛି, କିନ୍ତୁ ଗୋଟିଏ ହେଲେ ଘଟଣାର ସ୍ୱଚ୍ଛ ତଦନ୍ତ ହୋଇନାହିଁ କିମ୍ବା କାହାରିକୁ ଦଣ୍ଡ ମିଳିନାହିଁ। ନିକଟରେ UGC NET ପରୀକ୍ଷାକୁ ମଧ୍ୟ ବାତିଲ କରିବାକୁ ପଡ଼ିଥିଲା ଯାହା ଏହି ସଂସ୍ଥାର ଚରମ ଅପାରଗତାକୁ ଦର୍ଶାଇଛି। କି ବିଚିତ୍ର ଏହି ଦେଶ ! ୨୦୨୪ ମସିହାରେ ଏତେ ବଡ଼ ନୀଟ୍ ଘୋଟାଲା ହେବା ସମୟରେ, ଜନମତର ଚାପରେ NTAର ତତ୍କାଳୀନ କର୍ଣ୍ଣଧାର ଚେୟାରମ୍ୟାନ୍ ସୁବୋଧ କୁମାର ସିଂହଙ୍କୁ ଅପସାରଣ କରାଗଲା, କିନ୍ତୁ ଶାସ୍ତି ମିଳିବା ପରିବର୍ତ୍ତେ ତାଙ୍କୁ ଛତିଶଗଡ଼ ସରକାରଙ୍କ ମୁଖ୍ୟ ଶାସନ ସଚିବ (Chief Secretary) ଭାବେ ପୁରସ୍କୃତ କରାଗଲା। କୌଣସି ସ୍ୱଚ୍ଛ ତଦନ୍ତ ହେଲା ନାହିଁ। ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ଆସିବା ମାତ୍ରେ NTA ନିଜ ଦୋଷ ଲୁଚାଇବାକୁ AI-assisted CCTV, ଜିପିଏସ ଟ୍ରାକ୍ଡ ଭ୍ୟାନ ଏବଂ ୫ଏ ଜାମରର ଦ୍ୱାହି ଦେଇଥିଲା। କିନ୍ତୁ ଆମେ ଜାଣୁ ଦୁର୍ନୀତିର ପ୍ରତିରୋଧ ପ୍ରଯୁକ୍ତିରେ ହୁଏ ନାହିଁ, ସେଥିପାଇଁ ସଚ୍ଚୋଟତା ଲୋଡ଼ା - ଯାହା ଏହି ସଂସ୍ଥା ବା ପରିଚାଳକ ସରକାରଙ୍କର ନାହିଁ।

**କୋଚିଂ ମାଫିଆ, ରାଜନୈତିକ ଫଣ୍ଡିଂ**

ଏହି କେନ୍ଦ୍ରୀକୃତ ବ୍ୟବସ୍ଥା ଆଜି ସାରା ଦେଶରେ ଅନ୍ତତଃ ୫୮ ହଜାର କୋଟି ଟଙ୍କାର କୋଚିଂ ଇଣ୍ଡଷ୍ଟ୍ରିକୁ ଜନ୍ମ ଦେଇଛି। ଏହି ମାଫିଆମାନେ ସାରା ଦେଶରେ ଏକଚାଟିଆ ଆଧିପତ୍ୟ କାଏମ କରିଛନ୍ତି। ରାଜନୈତିକ ଦଳଗୁଡ଼ିକର ଇଲେକ୍ଟୋରାଲ ବଣ୍ଡ ମାମଲାରେ ସାମ୍ନାକୁ ଆସିଛି ଯେ କୋଟି କୋଟି ଟଙ୍କା ଫଣ୍ଡିଂ ଦେଇଥିବା କର୍ପୋରେଟ୍ ତାଲିକାରେ ଅନେକ କୋଚିଂ ପ୍ରତିଷ୍ଠାନ ରହିଛନ୍ତି। ବଡ଼ ବଡ଼ କୋଚିଂ ସେଣ୍ଟର ଗୁଡ଼ିକୁ ସୁବିଧା ଏବଂ ଫାଇଦା ପହଞ୍ଚାଇବା ପାଇଁ ହିଁ ସମସ୍ତ ପରୀକ୍ଷାକୁ କେନ୍ଦ୍ରୀକୃତ କରାଯାଇଛି। ଏହି କୋଚିଂ ଇଣ୍ଡଷ୍ଟ୍ରିରୁ ଆସୁଥିବା କୋଟି କୋଟି ଟଙ୍କା ରାଜନୈତିକ ଦଳଗୁଡ଼ିକର ନିର୍ବାଚନ ପାଣ୍ଠି (Political Funding) ଭାବରେ ବ୍ୟବହାର ହେଉଛି। ସେମାନଙ୍କ ସ୍ୱାର୍ଥ ରକ୍ଷା କରିବାକୁ ଯାଇ ସରକାର ଏହି ମାଫିଆମାନଙ୍କୁ ପରୀକ୍ଷା ନିୟନ୍ତ୍ରଣ କରିବାକୁ ଖୋଲା ଛାଡ଼ି ଦେଇଛନ୍ତି। ବିଭିନ୍ନ ସମୟରେ ରାଜନୈତିକ ନେତାମାନଙ୍କର ଏହି ଲିକ୍ ମାମଲାରେ ସଂପୃକ୍ତି ମଧ୍ୟ ସାମ୍ନାକୁ ଆସିଛି, ଯାହା ଏହି ଦୁର୍ନୀତିର ଚେର କେତେ ଗଭୀରକୁ ଯାଇଛି ତାହା ଦର୍ଶାଉଛି। ସରକାରୀ ଦଳମାନଙ୍କର ସିଧାସଳଖ ସଂପୃକ୍ତି ବିନା ଏତେ ବଡ଼ ଦୁର୍ନୀତି ଯେ ସମ୍ଭବ ନୁହେଁ ତାହା ଦିବାଲୋକଭଳି ସ୍ପଷ୍ଟ। ରାଜସ୍ଥାନରେ ପ୍ରଶ୍ନପତ୍ର ଲିକ ଘଟଣାରେ ଗିରଫ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ବିଜେପି ନେତା ଦିନେଶ ବିଶ୍ୱାଲ ଏବଂ NTA ର ପ୍ରଶ୍ନପତ୍ର ତିଆରିରେ ନିଯୁକ୍ତ ପିଭି କୁଲକର୍ଣ୍ଣିଙ୍କ ନାମ ମଧ ସାମ୍ନାକୁ ଆସିବା ଏହି ରାଜନୈତିକ ଏବଂ ପ୍ରଶାସନିକ ଅସାଧୁ ମେଣ୍ଟକୁ ପଦାରେ ପକାଇଛି।

**ପରୀକ୍ଷା ବ୍ୟବସ୍ଥାର କେନ୍ଦ୍ରୀକରଣ (NEET) ଏକ ପରିକଳ୍ପିତ ଯୋଜନା**

୨୦୧୩ ମସିହାରେ ପ୍ରଥମେ ରାଜ୍ୟଭି©କ ପରୀକ୍ଷାଗୁଡ଼ିକୁ ବାତିଲ କରିବାର ପ୍ରଚେଷ୍ଟା ହୋଇଥିଲା, ଯାହା ଏଆଇଡିଏସଓ ଏବଂ ଦକ୍ଷିଣ ରାଜ୍ୟମାନଙ୍କର ବିରୋଧ ଯୋଗୁଁ ଅଟକିଥିଲା। କିନ୍ତୁ ୨୦୧୬ ରୁ ଏକ ଦେଶ, ଏକ ପରୀକ୍ଷା ନାମରେ ବଳପୂର୍ବକ ନୀଟ୍ ଲାଗୁ କରାଗଲା। ଭାରତ ଭଳି ଏକ ବିବିଧତାପୂର୍ଣ୍ଣ ଦେଶରେ 'ଗୋଟିଏ ଦେଶ, ଗୋଟିଏ ପରୀକ୍ଷା' ନାମରେ ନୀଟ୍ ପରୀକ୍ଷା ଲାଗୁ କରି ପରୀକ୍ଷା ବ୍ୟବସ୍ଥାର ସଂପୂର୍ଣ୍ଣ କେନ୍ଦ୍ରୀକରଣ କରାଗଲା। ଦାବି କରାଯାଇଥିଲା ଯେ ଏହା ଦ୍ୱାରା ଦୁର୍ନୀତି କମିବ। ବାସ୍ତବରେ ଦୁର୍ନୀତି କମିବା ପରିବ©େ, ଏକ କେନ୍ଦ୍ରୀୟ ପରୀକ୍ଷା ଯୋଗୁଁ ଘୋଟାଲାର ପରିସର ବଢ଼ିଗଲା ଏବଂ ସମଗ୍ର ଦେଶ ଏକ ବିରାଟ ରାକେଟ୍‌ର ଶିକାର ହେଲା। ଅତୀତରେ ଏହି ପରୀକ୍ଷା ବିଭିନ୍ନ ରାଜ୍ୟରେ ଅଲଗା ଅଲଗା ହେଉଥିଲା। ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ନିଜସ୍ୱ ମେଡିକାଲ୍ ପ୍ରବେଶିକା ପରୀକ୍ଷା ହେଉଥିଲା। ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣରେ ଥିବାରୁ ପରୀକ୍ଷା ପରିଚାଳନାରେ ଉ©ରଦାୟିତ୍ୱ ରହୁଥିଲା। ଆଜି କେନ୍ଦ୍ରୀକରଣ ଫଳରେ ନୀଟ୍ କେବଳ ସେହିମାନଙ୍କ ପାଇଁ ସୁବିଧାଜନକ ହୋଇଛି, ଯେଉଁମାନେ ଲକ୍ଷ ଲକ୍ଷ ଟଙ୍କା ଦେଇ କର୍ପୋରେଟ୍ କୋଚିଂ ନେଇପାରୁଛନ୍ତି। ପ୍ରଶ୍ନପତ୍ର ଲିକ୍ ଏବଂ ଅସ୍ୱାଭାବିକ ନମ୍ବର (ଯେପରି ପୂର୍ଣ୍ଣାଙ୍କରୁ ମାତ୍ର ୧ ବା ୨ ମାର୍କ କମ୍ ରଖିବା) ପ୍ରମାଣ କରୁଛି ଯେ ଏହା କୋଟି କୋଟି ଟଙ୍କାର ବ୍ୟବସାୟରେ ପରିଣତ ହୋଇଛି, ଯାହା ସାଧାରଣ ସରକାରୀ ସ୍କୁଲରୁ ପାସ୍ କରୁଥିବା ମେଧାବୀ ପିଲାଙ୍କ ହକ୍ ଛଡ଼ାଇ ନେଉଛି। ନୀଟ୍‌ରେ ୭୧୭, ୭୧୮, ୭୧୯ ଭଳି ଅସମ୍ଭବ ନମ୍ବର (ଯାହା ମାଇନସ୍ ମାର୍କିଂ ନିୟମ ଅନୁଯାୟୀ ଅସମ୍ଭବ) ମିଳିବା ବିନା ଜାଲିଆତିରେ କଦାପି ସମ୍ଭବ ନୁହେଁ।

**ସିବିଏସ୍ଇ (CBSE) ଦ୍ୱାଦଶ ଶ୍ରେଣୀ ମୂଲ୍ୟାୟନରେ ବିପର୍ଯ୍ୟୟ: ଏକ ଡିଜିଟାଲ୍ କେଲେଙ୍କାରୀ**

କେବଳ ପ୍ରବେଶିକା ପରୀକ୍ଷା ନୁହେଁ, ଚଳିତ ବର୍ଷ ସିବିଏସ୍ଇ ପରି ବୋର୍ଡ ପରୀକ୍ଷାର ମୂଲ୍ୟାୟନ ବ୍ୟବସ୍ଥା ମଧ୍ୟ ଏହି ତ୍ରୁଟିପୂର୍ଣ୍ଣ ଏବଂ ଘରୋଇକରଣ ନୀତିର ଶିକାର ହୋଇଛି। ନୂତନ ଭାବେ ଲାଗୁ ହୋଇଥିବା ଅନ୍-ସ୍କ୍ରିନ୍ ମାର୍କିଂ (On-Screen Marking - OSM) ନାମକ ଡିଜିଟାଲ ମୂଲ୍ୟାୟନ ବ୍ୟବସ୍ଥାର ବେପରୁଆ ଏବଂ ଅବୈଜ୍ଞାନିକ ପ୍ରୟୋଗ ଯୋଗୁଁ ଆଜି ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ବିପଦରେ ପଡ଼ିଛି। ଏହା ମଧ୍ୟ କେବଳ ଏକ ବୈଷୟିକ ବା ସାଧାରଣ ତ୍ରୁଟି ନୁହେଁ ଏହା ଛାତ୍ରମାନଙ୍କ ଉପରେ ଏକ ସୁଚିନ୍ତିତ ଆକ୍ରମଣ। ଦେଶର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ରିପୋର୍ଟଗୁଡ଼ିକ ଅତ୍ୟନ୍ତ ଚିନ୍ତାଜନକ।

ମେଧାବୀଙ୍କୁ ସିଙ୍ଗଲ୍ ଡିଜିଟ୍ ମାର୍କ; ଯେଉଁ ଛାତ୍ରଛାତ୍ରୀମାନେ ବର୍ଷସାରା ଅତ୍ୟନ୍ତ ଭଲ ପ୍ରଦର୍ଶନ କରିଆସୁଥିଲେ, ସେମାନଙ୍କୁ ମାତ୍ର ଏକ ଅଙ୍କ ବିଶିଷ୍ଟ ନମ୍ବର (single-digit mark) ଦିଆଯାଇଛି। ଏହାର ଭେରିଫିକେସନ୍ ପରେ ଅହୁରି ଭୟଙ୍କର ସତ ପଦାକୁ ଆସିଲା। ଯେତେବେଳେ ପିଲାମାନେ ପୁନଃ-ଯାଂଚ ପାଇଁ ଆବେଦନ କଲେ, ସେତେବେଳେ ସେମାନେ ନିଜର ସ୍କାନ୍ ହୋଇଥିବା ଉ©ର ଖାତାର ଅସ୍ପଷ୍ଟ (blurred) ଚିତ୍ର, ମଝିରୁ ଗାଏବ ଥିବା ପୃଷ୍ଠା, ଏବଂ ଅନେକ କ୍ଷେତ୍ରରେ ସଂପୂର୍ଣ୍ଣ ଅଲଗା ହସ୍ତାକ୍ଷର (mismatched hand writing) ଥିବା ଖାତା ପାଇଲେ।

ଏହା ସ୍ପଷ୍ଟ ପ୍ରମାଣ କରୁଛି ଯେ ମୂଲ୍ୟାୟନ ବ୍ୟବସ୍ଥାରେ ଏକ ବଡ଼ ଧରଣର ଭିତ୍ତିଭୂମିଗତ ବିଫଳତା ଏବଂ ଦୁର୍ନୀତି ଲୁଚି ରହିଛି। କୌଣସି ସଠିକ୍ ପରୀକ୍ଷଣ (Trial runs), ଭି©ଭୂମିର ପ୍ରସ୍ତୁତି, କିମ୍ବା ପରୀକ୍ଷକମାନଙ୍କୁ ଉପଯୁକ୍ତ ତାଲିମ ନ ଦେଇ ଡିଜିଟାଲ୍ ମୂଲ୍ୟାୟନକୁ ବାଧ୍ୟତାମୂଳକ ଭାବେ ଲାଗୁ କରି ସିବିଏସ୍ଇ ପରୀକ୍ଷା ବ୍ୟବସ୍ଥାକୁ ଏକ ପ୍ରହସନରେ ପରିଣତ କରାଯାଇଛି। ଘରୋଇ ଭେଣ୍ଡରମାନଙ୍କୁ ଟେଣ୍ଡର ଏବଂ ଲାଭ ପହଞ୍ଚାଇବା ପାଇଁ ସିବିଏସ୍ଇ ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମକୁ ଏକ 'ଡିଜିଟାଲ୍ ଜୁଆ' (Digital Gamble) ରେ ପରିଣତ କରାଯାଇଛି।

ଯେତେବେଳେ ସମଗ୍ର ଦେଶରେ ଏହା ବିରୁଦ୍ଧରେ ପ୍ରବଳ ଜନ ଆକ୍ରୋଶ ପ୍ରକାଶିତ ହୋଇଛି ଓ ବିଭିନ୍ନ ସ୍ଥାନରେ ଏହାର ପ୍ରତିବାଦ ଚାଲିଛି ସେତେବେଳେ କେନ୍ଦ୍ର ବିଜେପି ସରକାର ସିବିଏସଇ ପରିଚାଳିତ ପ୍ରମୁଖ ବିଦ୍ୟାଳୟର ଅଧକ୍ଷମାନଙ୍କୁ ଭିଡିଓ ମାଧ୍ୟମରେ ସତ୍ୟକୁ ଲୁଚାଇବାକୁ ବାଧ୍ୟ କରାଯାଉଛି। ଛାତ୍ରଛାତ୍ରୀଙ୍କ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ବିଭିନ୍ନ ବିଦ୍ୟାଳୟର ଅଧକ୍ଷ (Principal) ମାନଙ୍କୁ ବ୍ୟବହାର କରି ଭିଡିଓମାନ ପ୍ରସ୍ତୁତ କରାଯାଉଛି, ଯେଉଁଥିରେ ସେମାନେ ଦାବି କରୁଛନ୍ତି ଯେ ନୂଆ OSM ମାର୍କିଂ ସ୍କିମ୍ ବହୁତ ଭଲ। ଏପରିକି, ଛାତ୍ରଛାତ୍ରୀମାନଙ୍କୁ ମଧ ଏହି ପ୍ରୋପାଗଣ୍ଡା ଭିଡିଓ ରେକର୍ଡ କରିବାକୁ ବାଧ୍ୟ କରାଯାଉଛି। ତା'ହେଲେ କ'ଣ ସେହି ୪ ଲକ୍ଷ ପିଲାଙ୍କ ଅଭିଯୋଗ ମୂଲ୍ୟହୀନ ?

**ଛାତ୍ରଛାତ୍ରୀଙ୍କ ମାନସିକ ଅବସ୍ଥା ଉପରେ ନାନା ଦିଗରୁ ଆଘାତ**

ଗୋଟିଏ ପଟେ ନୀଟ୍ ଭଳି ପ୍ରବେଶିକା ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଓ କୋଚିଂ ମାଫିଆଙ୍କ

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

# ପ୍ରବଳ ଗ୍ରୀଷ୍ମ ପ୍ରବାହ, ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ଘନଘନ ବିଜୁଳିକାଟ ଓ ଡବଲ ଇଞ୍ଜିନ ସରକାରର ନିର୍ବାଚନୀ ପ୍ରତିଶ୍ରୁତି

ମଇ ମାସ ଆରମ୍ଭରୁ ହିଁ ସମଗ୍ର ଦେଶରେ ତଥା ରାଜ୍ୟରେ ଭୟାବହ ଗ୍ରୀଷ୍ମ ପ୍ରବାହ ଚାଲିଛି। ଆଭ୍ୟନ୍ତରୀଣ ଓଡିଶାର କେତେକ ଜିଲ୍ଲାରେ ତାପମାତ୍ରା ୪୫ଡିଗ୍ରୀ ପାର କରୁଛି। ଅସହ୍ୟ ଗରମ ସହିତ ମାରାତ୍ମକ ଗୁଳୁଗୁଳି ସମଗ୍ର ରାଜ୍ୟରେ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଏହାସହିତ ତାଳ ଦେଇ ରାଜ୍ୟବ୍ୟାପୀ ଘନ ଘନ ବିଜୁଳିକାଟ ଓ ଲୋ ଭୋଲଟେଜ୍‌ର ଆତଙ୍କ ମଧ୍ୟ ଚାଲିଛି। ଗ୍ରାମାଂଚଳରେ ଦୈନିକ ୧୦-୧୨ ଘଣ୍ଟା ଧରି ବିଜୁଳି କାଟ ହେଉଛି ଏବଂ ଲୋ ଭୋଲଟେଜ ଦୁରାରୋଗ୍ୟ ବ୍ୟାଧିରେ ପରିଣତ ହୋଇଛି। ରାଜ୍ୟର ଜନସାଧାରଣ ସନ୍ତୁଳି ହେଉଛନ୍ତି।

ଏହି ସମୟରେ ରାଜ୍ୟର ଶକ୍ତି ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀଙ୍କର ବୟାନ ରାଜ୍ୟବାସୀଙ୍କ କଟା ଘା'ରେ ଚୂନ ମାରିବା ଭଳି ହୋଇଛି। ମନ୍ତ୍ରୀ ମହୋଦୟ କହିଛନ୍ତି ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଚାଲିଛି, ସାଧାରଣ ଲୋକ ଅଧିକରୁ ଅଧିକ ସଂଖ୍ୟକ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ବ୍ୟବହାର କରୁଛନ୍ତି, ଏହାଫଳରେ ରାଜ୍ୟରେ ବିଦ୍ୟୁତ ଅଭାବ ଦେଖା ଦେଇଛି। ଶକ୍ତି ମନ୍ତ୍ରୀ ଆହୁରି କହିଛନ୍ତି, ଅଧିକ ଏସି ବ୍ୟବହାର ଯୋଗୁ ଟ୍ରାନ୍ସଫର୍ମର ଜଳିଯାଉଛି, ତାର ଓ କେବୁଲ ପୋଡି ଯାଉଛି। ଏହି ପରିସ୍ଥିତିରେ ସରକାରଙ୍କର କିଛି କରିବାର ନାହିଁ। ସୂଚନା ଯୋଗ୍ୟ ଗ୍ରୀଷ୍ମ କାଳ ପୂର୍ବରୁ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ଶକ୍ତିମନ୍ତ୍ରୀ ଘୋଷଣା କରିଥିଲେ ଯେ ରାଜ୍ୟରେ ଯଥେଷ୍ଟ ବିଦ୍ୟୁତ ଶକ୍ତି ଉତ୍ପାଦନ ହେଉଛି। ବିଜେପି ସରକାର ରାଜ୍ୟକୁ ବିଜୁଳି ଶକ୍ତି ବଳକା ରାଜ୍ୟରେ ପରିଣତ କରିଛି। ଫଳରେ ଚଳିତବର୍ଷ ରାଜ୍ୟରେ ଆଦୌ ବିଜୁଳିକାଟ ହେବ ନାହିଁ। ଏପିରିକି ବିଜୁଳି ବିଲ ଦେଇ ନପାରିଲେ ମଧ୍ୟ କାହାରି ଘରର ଲାଇନ କଟାଯିବ ନାହିଁ। ମୁଖ୍ୟମନ୍ତ୍ରୀ ଆହୁରି ପାଦେ ଆଗେଇ ଯାଇ ଘୋଷଣା କରିଥିଲେ ଯେ ସରକାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଯଦି କୌଣସି ସ୍ଥାନରେ ବିଜୁଳିକାଟ ହୁଏ ତାହେଲେ ଏଥିପାଇଁ ଦାୟୀ ଅଧିକାରୀମାନଙ୍କୁ ଜେଲରେ ଭର୍ତ୍ତି କରାଯିବ।

ମାତ୍ର ଗ୍ରୀଷ୍ମ ଋତୁ ଆରମ୍ଭ ହେବା ସଙ୍ଗେ ସଙ୍ଗେ ପୀଡାଦାୟକ ବିଜୁଳିକାଟ ଆରମ୍ଭ ହେବାପରେ ମୁଖ୍ୟମନ୍ତ୍ରୀ ଆଉ ଏବାବଦରେ ମୁହଁ ଖୋଲୁ ନାହାନ୍ତି। ଶକ୍ତି ମନ୍ତ୍ରୀ ରାଜ୍ୟରେ କେତେ ଅଧିକ ବିଦ୍ୟୁତ ଚାହିଦା ବଢିଛି ତାର ହିସାବ ଦେଇ ବିଦ୍ୟୁତ କାଟ ଜନିତ ପରିସ୍ଥିତି ପାଇଁ ସିଧାସଳଖ ରାଜ୍ୟର ସାଧାରଣ ଲୋକଙ୍କ ଦ୍ୱାରା ଅଧିକ ଏସି ବ୍ୟବହାରକୁ ଦାୟୀ କରିଛନ୍ତି। ସରଳ ଭାବରେ କହିଲେ ମନ୍ତ୍ରୀଙ୍କ ଭାଷାରେ ବିଜୁଳି କାଟ ପାଇଁ ଲୋକମାନେ ଦାୟୀ। ଏସି ସିନା ବଡବଡିଆ ଲୋକ, ନେତା, ମନ୍ତ୍ରୀ, ଅଫିସର ବ୍ୟବହାର କରିବେ, ସାଧାରଣ ଲୋକ ଏସି ବ୍ୟବହାର କରିବାର ଆସ୍ପର୍ଦ୍ଧା କରିବେ କାହିଁକି ?

ଏହି ପ୍ରସଙ୍ଗରେ ଆମେ କେତୋଟି ଗୁରୁତ୍ୱପୂର୍ଣ୍ଣ ବିଷୟ ରାଜ୍ୟବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରିବାକୁ ଆବଶ୍ୟକ ମନେକରୁଛୁ। ୧୯୯୧ ମସିହାରେ ସେତେବେଳର କେନ୍ଦ୍ର କଂଗ୍ରେସ ସରକାର ଦେଶରେ ନୂଆ ଆର୍ଥିକ ନୀତି ପ୍ରଣୟନ କରିବା ଆଳରେ ଘରୋଇକରଣ, ଜଗତିକରଣ ନୀତି ପ୍ରଚଳନ କରିଥିଲା। ଏହି ନୀତିକୁ ଲାଗୁକରି ଓଡିଶାରେ ତତ୍କାଳୀନ ରାଜ୍ୟ କଂଗ୍ରେସ ସରକାର ବିଜୁଳି କ୍ଷେତ୍ରରେ ଘରୋଇକରଣ କଲା। ସେତେବେଳେ ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ବିଦ୍ୟୁତ କ୍ଷେତ୍ରରେ ଆଧୁନିକୀକରଣ, ସଂପ୍ରସାରଣ ପାଇଁ ସରକାରଙ୍କ ପାଖରେ ଅର୍ଥ ନାହିଁ। ପୁନଶ୍ଚ ସରକାରୀ ନାଲିଫିତାରେ ସମଗ୍ର ବ୍ୟବସ୍ଥା ଶ୍ୱାସରୁଦ୍ଧ ହୋଇଛି। ଫଳରେ ରାଜ୍ୟର ଜନସାଧାରଣ ବିଦ୍ୟୁତ କ୍ଷେତ୍ରରେ ଉପଯୁକ୍ତ ସେବା ପାଉନାହାନ୍ତି। ସେଥିପାଇଁ ବିଦ୍ୟୁତ କ୍ଷେତ୍ରରେ ଘରୋଇକରଣ କରାଯିବା ଆବଶ୍ୟକ।

ଉପରୋକ୍ତ ଯୁକ୍ତିରେ ରାଜ୍ୟର ବିଦ୍ୟୁତ କ୍ଷେତ୍ରର ଘରୋଇକରଣ କରାଗଲା। ସେତେବେଳେ ସରକାର ଘୋଷଣା କଲେ ଘରୋଇକରଣ ପରେ ଘରୋଇ କମ୍ପାନୀମାନେ ବିଦ୍ୟୁତ୍ ଭିତ୍ତିଭୂମିର ବିସ୍ତାର, ଆଧୁନିକୀକରଣ ପାଇଁ ଆବଶ୍ୟକ ପୁଞ୍ଜି ବିନିଯୋଗ କରିବେ। ଏହାଫଳରେ ବିଦ୍ୟୁତ ପରିବହନ ଜନିତ କ୍ଷତି ହ୍ରାସ ହେବ। ସାଧାରଣ ବିଦ୍ୟୁତ ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ଉଚ୍ଚ ମାନର ବିଦ୍ୟୁତ ଶକ୍ତି ଉପଲବ୍ଧ ହେବ। ସେତେବେଳେ ରାଜ୍ୟ ସରକାର ଖବର କାଗଜରେ ବିଜ୍ଞାପନ ଦେଇ ପ୍ରଚାର କରିଥିଲେ, ରାଜ୍ୟରେ ବିଜୁଳି କ୍ଷେତ୍ରରେ ସଂସ୍କାର ହୋଇଛି। ଏହାଫଳରେ ବିଦ୍ୟୁତ କାଟ ଓ ଲୋ ଭୋଲଟେଜ୍ ଇତିହାସରେ ପରିଣତ ହେବ।

ଇତି ମଧ୍ୟରେ ତିନି ଦଶନ୍ଧି ପାର ହୋଇଯାଇଛି। ଗୋଟିଏ ପରେ ଗୋଟିଏ ଘରୋଇ କମ୍ପାନୀ ରାଜ୍ୟର ବିଦ୍ୟୁତ ବିତରଣର ଦାୟିତ୍ୱ ନେଇଛନ୍ତି ଏବଂ ଜନସାଧାରଣଙ୍କୁ ଲୁଟ କରି ଚମ୍ପଟ ମାରିଛନ୍ତି। ଲୋକଙ୍କ ଟିକସ୍ ଟଙ୍କାରେ ଗଢିଉଠିଥିବା ବିଦ୍ୟୁତ ଭିତ୍ତିଭୂମିକୁ ବ୍ୟବହାର କରି ମାଛ ତେଲରେ ମାଛ ଭାଜି ଲାଭ ଲୁଟ କରିଛନ୍ତି।

ବିଦ୍ୟୁତ କ୍ଷେତ୍ରରେ ତଥାକଥିତ ସଂସ୍କାର କରିଥିବା କଂଗ୍ରେସ ସରକାର ପରେ ୯ବର୍ଷର ବିଜେଡି-ବିଜେପି ମିଳିତ ସରକାର, ଏହାପରେ ୧୫ବର୍ଷ ଧରି ବିଜେଡି ସରକାର ଏବଂ ଗତ ଦୁଇବର୍ଷ ଧରି ରାଜ୍ୟରେ ଶାସନ କରୁଥିବା ବିଜେପି ସରକାର ଶାସନ କାଳରେ ଆମେରିକାର ଏଇଏସ୍, ବିଏସ୍‌ଇଏସ୍, ରିଲାଏନ୍ସ ଏନର୍ଜି ଭଳି ଘରୋଇ ବିଦ୍ୟୁତ କମ୍ପାନୀ ମାନେ ଉଭୟ ବିଦ୍ୟୁତ ଗ୍ରାହକ ଓ ସରକାରଙ୍କୁ ଲୁଟ୍ କରି ଚାଲିଯିବା ପରେ ୨୦୨୦ ମସିହାରେ ତତ୍କାଳୀନ ରାଜ୍ୟ ବିଜେଡି ସରକାର ଟାଟା କମ୍ପାନୀକୁ ସମଗ୍ର ରାଜ୍ୟର ବିଦ୍ୟୁତ ବିତରଣ ଓ ଶୁଳ୍କ ଆଦାୟ ଦାୟିତ୍ୱ ଦେଇଛି। ଟାଟା କମ୍ପାନୀ ଦାୟିତ୍ୱ ନେବାପରଠାରୁ ସାଧାରଣ ଗ୍ରାହକ ମାନଙ୍କ ଉପରେ ରିତିମତ ଅତ୍ୟାଚାର ଚଳାଇଛି,। ଗୋଟିଏ ଦିଗରେ ବାକିଆ ବିଦ୍ୟୁତ ବିଲ୍ ଆଦାୟ ଆଳରେ ମନଇଚ୍ଛା ଲାଇନ କାଟିବା, ବର୍ଦ୍ଧିତ ସିକ୍ୟୁରିଟି ଡିପୋଜିଟ୍ ଆଦାୟ କରିବା, ବିଦ୍ୟୁତ ଭିତ୍ତିଭୂମିର ରକ୍ଷଣାବେକ୍ଷଣ କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରିବା ଓ ଅନ୍ୟଦିଗରେ ନାନା ଆଳରେ ବିଦ୍ୟୁତ ଶୁଳ୍କ ବୃଦ୍ଧି କରିବା ସହିତ ବଳପୂର୍ବକ ସ୍ମାର୍ଟ ମିଟର ଲଗାଇ ସାଧାରଣ ଖାଉଟିଙ୍କୁ ମାରାତ୍ମକ ଶୋଷଣର ଶୀକାର କରିଛି।

ଏହି ପରିସ୍ଥିତିରେ ରାଜ୍ୟବାସୀ ଚଳିତ ବର୍ଷର ଅଭୂତପୂର୍ବ ଗ୍ରୀଷ୍ମ ପ୍ରବାହର ସମ୍ମୁଖୀନ ହୋଇଛନ୍ତି। ତେବେ ଅଧିକ ବିଦ୍ୟୁତ ବ୍ୟବହାର ଯୋଗୁ ଟ୍ରାନ୍ସଫର୍ମର, ତାର ଓ କେବୁଲ ଜଳି ଯାଉଛି ବୋଲି ରାଜ୍ୟ ଶକ୍ତି ମନ୍ତ୍ରୀଙ୍କ ମନ୍ତବ୍ୟ ହେଉଛି ଅର୍ଦ୍ଧସତ୍ୟ। ବାସ୍ତବ କଥା ହେଉଛି ବର୍ତ୍ତମାନ ଟାଟା କମ୍ପାନୀ ଏବଂ ଏହା ପୂର୍ବରୁ ବିଦ୍ୟୁତ ପରିଚାଳନା ଦାୟିତ୍ୱରେ ଥିବା ଘରୋଇ କମ୍ପାନୀମାନେ ବିଦ୍ୟୁତ ଭିତ୍ତିଭୂମିର ଆବଶ୍ୟକ ଓ ସମୟୋପଯୋଗୀ ରକ୍ଷଣାବେକ୍ଷଣ କରିବା ପରିବର୍ତ୍ତେ ସରାକରୀ ଦଳ ଓ ସରକାରୀ କଳ ସହିତ ସଲାସୁତୁରା କରି କେବଳ ଲାଭ ଲୁଟ କରିଛନ୍ତି। ଏହାଫଳରେ ସମଗ୍ର ରାଜ୍ୟରେ ବିଦ୍ୟୁତ୍ ଭିତ୍ତିଭୂମି ଦୁର୍ବଳ ହୋଇପଡିଛି। ସେଥିପାଇଁ ଖରାଦିନେ ଟ୍ରାନ୍ସଫର୍ମର, କେବୁଲ ଓ ତାର ଉପରେ ଅଧିକ ଲୋଡ ପଡିଲେ ସେସବୁ ପୋଡିଯାଉଛି। ମନ୍ତ୍ରୀ ଲାଭଖୋର ଘରୋଇ କମ୍ପାନୀମାନଙ୍କୁ ଘଣ୍ଟ ଘୋଡାଇବା ଉଦ୍ଦେଶ୍ୟରେ ଏହି ପରିସ୍ଥିତି ପାଇଁ ଅଧିକ ଏସି ବ୍ୟବହାର ଉପରେ ଦୋଷ ଲଦିବାକୁ ଉଦ୍ୟମ କରି ତାଙ୍କର କମ୍ପାନୀ ପ୍ରୀତିର ପରିଚୟ ଦେଇଛନ୍ତି।

ଆହୁରି ମଧ୍ୟ ଗ୍ରୀଷ୍ମ କାଳରେ ବିଦ୍ୟୁତ ବ୍ୟବହାର ଯେ ଅଧିକ ହୁଏ ସେକଥା ସମସ୍ତେ ଜାଣନ୍ତି। ସୁତରାଂ, ଗ୍ରୀଷ୍ମ କାଳରେ ରାଜ୍ୟରେ ଉତ୍ପାଦିତ ହେଉଥିବା ସମସ୍ତ ବିଦ୍ୟୁତ ଶକ୍ତିକୁ ପ୍ରଥମେ ରାଜ୍ୟର ଗ୍ରାହକ ମାନଙ୍କୁ ଆବଶ୍ୟକତା ମେଣ୍ଟାଇବା ପାଇଁ ବ୍ୟବହାର କରି ବଳକା ବିଦ୍ୟୁତ ଶକ୍ତିକୁ ଅନ୍ୟତ୍ର ବିକ୍ରି କରିବାପାଇଁ ଟାଟା କମ୍ପାନୀକୁ ଉପଯୁକ୍ତ ସମୟରେ ନିର୍ଦ୍ଦେଶ ଦେବାର ଆବଶ୍ୟକତା ଥିଲା। ମାତ୍ର ସରକାର ତାହା କରିନାହାନ୍ତି, ଓଇଆରସି ମଧ୍ୟ ସେ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିନାହାନ୍ତି। ଫଳରେ ଓଡିଶା ବଳକା ବିଦ୍ୟୁତ ଶକ୍ତି ଉତ୍ପାଦନ କରୁଥିଲେ ମଧ୍ୟ ରାଜ୍ୟବାସୀ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଓ ପ୍ରଚଣ୍ଡ ଗୁଳୁଗୁଳି ସମୟରେ ଘଣ୍ଟା ଘଣ୍ଟା ଧରି ବିଜୁଳି କାଟର ଶୀକାର ହେଉଥିବାବେଳେ ଟାଟା କମ୍ପାନୀ ଚଢା ଦରରେ ରାଜ୍ୟ ବାହାରେ ବଳକା ବିଦ୍ୟୁତ ଶକ୍ତି ବିକ୍ରିକରି ପ୍ରଚୁର ମୁନାଫା ଅର୍ଜନ କରୁଛି। ସୁତରାଂ, ଅଧିକ ଏସି ବ୍ୟବହାର ପାଇଁ ନୁହେଁ ବରଂ ରାଜ୍ୟ ସରକାରଙ୍କ ଟାଟା କମ୍ପାନୀ ସହିତ ଅସାଧୁ କାରବାର ଯୋଗୁ ରାଜ୍ୟବାସୀ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଏହି ଧରଣର ବିଜୁଳିକାଟ ଓ ଲୋ ଭୋଲଟେଜର ଜନିତ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି।

ଟାଟା କମ୍ପାନୀର ଶୋଷଣ ଓ ରାଜ୍ୟ ସରକାରଙ୍କ କମ୍ପାନୀ ତୋଷଣ ନୀତି ଏତିକିରେ ଶେଷ ହୋଇନାହିଁ। ସମଗ୍ର ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଚାଲିଥିବାବେଳେ ଟାଟା କମ୍ପାନୀ ପ୍ରାୟ ୧୦ହଜାର ଠିକା କର୍ମଚାରୀଙ୍କୁ ଅତ୍ୟନ୍ତ ଅନ୍ୟାୟୋଚିତ ଭାବରେ ଛଟେଇ କରିଛି। ଛଟେଇ କର୍ମଚାରୀମାନେ ଦୀର୍ଘଦିନ ଧରି ଡହ ଡହ ଖରାରେ ରାଜଧାନୀରେ ରାଜରାସ୍ତାରେ ପଡି ରହିଛନ୍ତି। ଲୋକଙ୍କୁ ବିଦ୍ୟୁତ ଟିକିଏ ଯୋଗାଇ ପାରୁନଥିବା ସରକାର ଟାଟା କମ୍ପାନୀକୁ ସୁରକ୍ଷା ଦେବାପାଇଁ ବିଦ୍ୟୁତ ବିଭାଗରେ କାମ କରୁଥିବା କର୍ମଚାରୀ ମାନଙ୍କ ଆନ୍ଦୋଳନକୁ ବେଆଇନ ଘୋଷଣା କରିଛି, ଏସ୍ମା ଲାଗୁ କରିଛି। ଏଥିରୁ ସ୍ପଷ୍ଟ ଯେ ରାଜ୍ୟ ସରକାର ପାଇଁ ରାଜ୍ୟର ସାଧାରଣ ବିଦ୍ୟୁତ ଗ୍ରାହକ ଓ ସ୍ୱଳ୍ପ ପାରିଶ୍ରମିକରେ ଖଟୁଥିବା ଠିକା କର୍ମଚାରୀ ମାନଙ୍କ ସ୍ୱାର୍ଥ ପ୍ରାଥମିକତା ପାଇ ନାହିଁ। ଟାଟା କମ୍ପାନୀର ସ୍ୱାର୍ଥରକ୍ଷା ହିଁ ରାଜ୍ୟ ସରକାରଙ୍କ ପ୍ରାଥମିକତା। ଗତ ୩୦ବର୍ଷ ଧରି ବିଭିନ୍ନ ସମୟରେ ରାଜ୍ୟରେ କ୍ଷମତାସୀନ ହୋଇଥିବା ଦଳର ସରକାରମାନେ ଏହା ହିଁ କରି ଆସିଛନ୍ତି। ଗତ ଦୁଇବର୍ଷ ଧରି କ୍ଷମତାରେ ଥିବା ବିଜେପି ସରକାର ପୂର୍ବ ସରକାର ମାନଙ୍କଠାରୁ ଭିନ୍ନ ନୁହେଁ ବରଂ ଏହି ସରକାର ଶାସନ କାଳରେ ଖାଉଟି ଶୋଷଣ ଓ କମ୍ପାନୀ ଅତ୍ୟାଚାର ସମସ୍ତ ସୀମା ଲଂଘନ କରିଛି।

★★★

## ଜାତୀୟ ଶିକ୍ଷାନୀତି . . .

*(୨ୟ ପୃଷ୍ଠାର ଅବଶିଷ୍ଟାଂଶ)*

ଶୋଷଣ ଏବଂ ଅନ୍ୟ ପଟେ ସିବିଏସ୍‌ଇ ପରି ବୋର୍ଡ ପରୀକ୍ଷାରେ ଡିଜିଟାଲ୍ ମୂଲ୍ୟାୟନ ନାମରେ ବ୍ୟାପକ ତ୍ରୁଟି ପୁଣି ସିଇୟୁଟି(ୟୁଜି) ପ୍ରବେଶିକା ପରୀକ୍ଷାରେ ଆସିଥିବା ଏନଟିଏର ବିଫଳତା ଆଦି ଘଟଣା ଛାତ୍ରଛାତ୍ରୀମାନଙ୍କ ମନବଳକୁ ସଂପୂର୍ଣ୍ଣ ରୂପେ ଭାଙ୍ଗି ଦେଇଛି। ବାରମ୍ବାର ଏଭଳି ଦୁର୍ନୀତି ଫଳରେ ବହୁ ମେଧାବୀ ଛାତ୍ରଛାତ୍ରୀ ଗଭୀର ଅବସାଦର ଶୀକାର ହୋଇ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଉଛନ୍ତି। ଦୁଇ-ତିନି ବର୍ଷ ଧରି ରାତିଦିନ ଏକାକାର କରି ପଢିବା ପରେ ମଧ୍ୟ ଏହି ଭ୍ରଷ୍ଟ ବ୍ୟବସ୍ଥାରେ ସେମାନଙ୍କ ପରିଶ୍ରମର କୌଣସି ମୂଲ୍ୟ ରହୁନାହିଁ।

ଏହିଭଳି ପରିସ୍ଥିତିରେ ଦୁର୍ନୀତିଗ୍ରସ୍ତ ଏବଂ ଅପଦାର୍ଥ ସଂସ୍ଥା NTAକୁ ତୁରନ୍ତ ବାତିଲ କରିବା, ନୀଟ୍ ଘୋଟାଲାର ଉଚ୍ଚସ୍ତରୀୟ ସ୍ୱଚ୍ଛ ଏବଂ ସମୟବଦ୍ଧ ତଦନ୍ତ କରାଯାଇ ଦୋଷୀ ନେତା, ମନ୍ତ୍ରୀ ତଥା କୋଚିଂ ମାଫିଆମାନଙ୍କୁ କଠୋର ଶାସ୍ତି ପ୍ରଦାନ କରିବା, ପରୀକ୍ଷା ବ୍ୟବସ୍ଥାର କେନ୍ଦ୍ରୀକରଣ ନୀତିକୁ ପ୍ରତ୍ୟାହାର କରି ପୂର୍ବ ପରି ରାଜ୍ୟଗୁଡ଼ିକୁ ସେମାନଙ୍କର ନିଜସ୍ୱ ମେଡିକାଲ୍ ଏବଂ ଅନ୍ୟାନ୍ୟ ପ୍ରବେଶିକା ପରୀକ୍ଷା କରିବାର ଅଧିକାର ଫେରାଇ ଦେବା, ତ୍ରୁଟିର ଶୀକାର ହୋଇଥିବା ସମସ୍ତ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଉତ୍ତରଖାତାକୁ ତୁରନ୍ତ ଏବଂ ବିନା ମୂଲ୍ୟରେ ମାନୁଆଲ୍ ପୁନଃ-ମୂଲ୍ୟାୟନ କରିବା, ଏହି ନୂତନ ଅନ୍-ସ୍କ୍ରିନ୍ ମାର୍କିଂ ବ୍ୟବସ୍ଥାର ପ୍ରୟୋଗ ଏବଂ ଫଳାଫଳ ଜାଲିଆତି ଅଭିଯୋଗର ଏକ ନିରପେକ୍ଷ ନ୍ୟାୟିକ ତଦନ୍ତ କରିବା, ଯେପର୍ଯ୍ୟନ୍ତ ଡିଜିଟାଲ୍ ମାର୍କିଂ (OSM) ବ୍ୟବସ୍ଥାର ନିର୍ଭରଯୋଗ୍ୟତା ସଂପୂର୍ଣ୍ଣ ପ୍ରମାଣିତ ହୋଇନାହିଁ - ସେପର୍ଯ୍ୟନ୍ତ ଏହାକୁ ସ୍ଥଗିତ ରଖିବା ଏବଂ ବିପର୍ଯ୍ୟୟ ପାଇଁ ଦାୟୀ ଅଧିକାରୀ ତଥା ଘରୋଇ ଟେକ୍ ଭେଣ୍ଡରମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ଆଜି ସମଗ୍ର ଦେଶରେ ସଚେତନ ନାଗରିକ ତଥା ଛାତ୍ରଛାତ୍ରୀମାନଙ୍କ ଦୃଢ ପ୍ରତିବାଦ ଓ ପ୍ରତିରୋଧ ସଂଗ୍ରାମ ପ୍ରୟୋଜନ।

ଆମେ ସମଗ୍ର ଦେଶର ଛାତ୍ର, ଶିକ୍ଷକ ଏବଂ ବୁଦ୍ଧିଜୀବୀ ନାଗରିକମାନଙ୍କୁ ଆହ୍ୱାନ କରୁଛୁ, ଏହି ଶିକ୍ଷା-ବିରୋଧୀ ଏବଂ ବ୍ୟବସ୍ଥାଗତ ଅନ୍ୟାୟ ବିରୋଧରେ ଏକ ଶକ୍ତିଶାଳୀ ଗଣତାନ୍ତ୍ରିକ ଆନ୍ଦୋଳନ ଗଢିତୋଳନ୍ତୁ। ଆମର ଏକମାତ୍ର ସଂକଳ୍ପ ହେବା ଉଚିତ - "ଯେପର୍ଯ୍ୟନ୍ତ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଉପଯୁକ୍ତ ନ୍ୟାୟ ନ ମିଳିଛି, ସେପର୍ଯ୍ୟନ୍ତ ଏହି ସଂଗ୍ରାମ ଜାରି ରହିବ।"

★★★

# ଏଆଇଡିଏସଓ ଓଡ଼ିଶା ରାଜ୍ୟ ପରିଷଦ ଉଦ୍ୟୋଗରେ ଘାଟଶିଳାଠାରେ ତ୍ରି-ଦିବସୀୟ ଶିକ୍ଷା - ସାଂସ୍କୃତିକ ସମାବେଶ ଉଦଯାପିତ








ଏଆଇଡିଏସଓ ଓଡିଶା ରାଜ୍ୟ ପରିଷଦର ଆହ୍ୱାନ କ୍ରମେ ୨୦୨୬ ଜୁନ ୬ରୁ ୮ ପର୍ଯ୍ୟନ୍ତ ଝାଡଖଣ୍ଡ ରାଜ୍ୟର ଘାଟଶିଳାସ୍ଥିତ 'ମାର୍କ୍ସବାଦ-ଲେନିନବାଦ-ଶିବଦାସ ଘୋଷ ଚିନ୍ତାଧାରା ଶିକ୍ଷା କେନ୍ଦ୍ର' ଠାରେ ଏକ ତ୍ରି-ଦିବସୀୟ ଶିକ୍ଷା - ସାଂସ୍କୃତିକ ସମାବେଶ ସଫଳତାର ସହ ଉଦଯାପିତ ହୋଇଯାଇଛି। ସାରା ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ୪୫୬ ଜଣ ପ୍ରତିନିଧିମାନଙ୍କୁ ନେଇ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ୬ ତାରିଖ ପୂର୍ବାହ୍ନରେ ଏଆଇଡିଏସଓର ସାଧାରଣ ସଂପାଦକ କମ୍ରେଡ ଶିବାଶିଷ ପ୍ରହରାଜଙ୍କ ଦ୍ୱାରା ଏଆଇଡିଏସ୍‌ଓର ପତାକା ଉତ୍ତୋଳନ ମାଧ୍ୟମରେ ଆରମ୍ଭ ହୋଇଥିଲା। ଏହାପରେ ଶିକ୍ଷାକେନ୍ଦ୍ରଠାରେ ଥିବା ମହାନ ମାର୍କ୍ସବାଦୀ ଦାର୍ଶନିକ ସର୍ବହରାର ମହାନ ନେତା କମ୍ରେଡ ଶିବଦାସ ଘୋଷଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ କରାଯାଇଥିଲା। ମାଲ୍ୟାର୍ପଣ କରିଥିଲେ ଏସୟୁସିଆଇ(କମ୍ୟୁନିଷ୍ଟ) କେନ୍ଦ୍ରୀୟ କମିଟି ସଦସ୍ୟ ତଥା ଓଡିଶା ରାଜ୍ୟ ସଂପାଦକ କମ୍ରେଡ ଶଙ୍କର ଦାସଗୁପ୍ତ, ଶିକ୍ଷା କେନ୍ଦ୍ରର ଇନଚାର୍ଜ କମ୍ରେଡ ମଳୟ ବୋଷ, କମ୍ରେଡ ଶିଲାଜିତ ସାନ୍ୟାଲ, ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ ଅଶୋକ ମିଶ୍ର, ଏଆଇଡିଏସଓର ସାଧାରଣ ସଂପାଦକ କମ୍ରେଡ ଶିବାଶିଷ ପ୍ରହରାଜ, ଇଂଟରନାସନାଲ ଆଫେୟାର୍ସ ସେକ୍ରେଟାରୀ କମ୍ରେଡ ମଣିଶଙ୍କର ପଟ୍ଟନାୟକ, ରାଜ୍ୟ କମିଟିର ସଭାପତି କମ୍ରେଡ ସୋମନାଥ ବେହେରା ଏବଂ ସଂପାଦକ କମ୍ରେଡ ସିଦ୍ଧାର୍ଥ ରଥ। ରାଜ୍ୟ ସଂପାଦକଙ୍କ ପ୍ରାରମ୍ଭିକ ସୂଚନା ପ୍ରଦାନ ପରେ, କମ୍ରେଡ ଶିବାଶିଷ ପ୍ରହରାଜ ବର୍ତ୍ତମାନ ଭାରତବର୍ଷର ଛାତ୍ର ଓ ଶିକ୍ଷା ସମସ୍ୟା ଉପରେ ଏକ ସାରଗର୍ଭକ ଆଲୋଚନା କରିଥିଲେ। ଏହାସହ ମହାନ ଜ୍ୟୋତିବା ଫୁଲେଙ୍କର ୨୦୦ ତମ ଜନ୍ମବାର୍ଷିକୀ ଉପଲକ୍ଷେ ତାଙ୍କ ଜୀବନ ସଂଗ୍ରାମ ଉପରେ କମ୍ରେଡ ମଣିଶଙ୍କର ପଟ୍ଟନାୟକ ଏକ ମର୍ମସ୍ପର୍ଶୀ ଆଲୋଚନା ରଖିଥିଲେ। ପ୍ରଥମ ଦିନର ସାନ୍ଧ୍ୟ ଅଧିବେଶନରେ ଶହୀଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ତାଙ୍କ ଜୀବନ ସଂଗ୍ରାମ ଏବଂ ତଦାନୀନ୍ତନ ଓଡିଶାର ଅବସ୍ଥା ଉପରେ ରାଜ୍ୟ ସଭାପତି କମ୍ରେଡ ସୋମନାଥ ବେହେରା ଆଲୋଚନା କରିଥିଲେ। ପରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଅଂଶଗ୍ରହଣକାରୀ ପ୍ରତିନିଧିମାନଙ୍କ ଦ୍ୱାରା ନାଟକ, ଏକକ ଅଭିନୟ, ପ୍ରଗତିଶୀଳ ନୃତ୍ୟ ଓ ସଙ୍ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଦ୍ୱିତୀୟ ଦିନର ପ୍ରଥମ ଅଧିବେଶନରେ ଭାରତର ସଶସ୍ତ୍ର ସ୍ୱାଧୀନତା ସଂଗ୍ରାମର ଅନନ୍ୟ ସଂଗ୍ରାମୀ ମାଷ୍ଟରଦା ସୂର୍ଯ୍ୟସେନଙ୍କ ଉପରେ ଆଧାରିତ ଚଳଚ୍ଚିତ୍ର "ଖେଲେ ହମ୍ ଜି ଜାନ୍ ସେ' ପ୍ରଦର୍ଶିତ ହୋଇଥିଲା। ସେହିଦିନ ସନ୍ଧ୍ୟାରେ ଏସୟୁସିଆଇ(କମ୍ୟୁନିଷ୍ଟ) ପଲିଟବ୍ୟୁରୋ ସଦସ୍ୟ କମ୍ରେଡ ଚଣ୍ଡୀଦାସ ଭଟ୍ଟାଚାର୍ଯ୍ୟ ଅଂଶଗ୍ରହଣକାରୀ ପ୍ରତିନିଧିମାନଙ୍କ ଉଦ୍ଦେଶ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ଏହି ଆଲୋଚନାକୁ କମ୍ରେଡ ଅଶୋକ ମିଶ୍ର ଓଡ଼ିଆରେ ଅନୁବାଦ କରି ଶୁଣାଇଥିଲେ। ମେଡିକାଲ ସର୍ଭିସ ସେଣ୍ଟରର ନିମନ୍ତ୍ରିତ ଡାକ୍ତର ଗାୟତ୍ରୀ ରଶ୍ମି ରମଣ ସ୍ୱାସ୍ଥ୍ୟ ବିଧି ଉପରେ ଏକ ଆଲୋଚନା କରିଥିଲେ। ୮ ତାରିଖ ତଥା ଅନ୍ତିମ ଦିବସର କାର୍ଯ୍ୟକ୍ରମକୁ ଏସୟୁସିଆଇ (କମ୍ୟୁନିଷ୍ଟ) କେନ୍ଦ୍ରୀୟ କମିଟି ସଦସ୍ୟ କମ୍ରେଡ ଶଙ୍କର ଦାସଗୁପ୍ତ ପରିଚାଳନା କରିଥିଲେ। ଶିକ୍ଷା - ସାଂସ୍କୃତିକ ସମାବେଶ ପାଇଁ ପ୍ରଦାନ କରାଯାଇଥିବା କମ୍ରେଡ ଶିବଦାସ ଘୋଷଙ୍କ ରଚିତ ଦୁଇଟି ମୂଲ୍ୟବାନ ପୁସ୍ତିକା – "ଆମର ଶିକ୍ଷା ସଂସ୍କୃତି ଏକ ବୈଜ୍ଞାନିକ ଦୃଷ୍ଟିପାତ' ଏବଂ "ସାଂପ୍ରଦାୟିକ ସମସ୍ୟା ପ୍ରସଙ୍ଗରେ' ଉପରେ ଆସିଥିବା ବିଭିନ୍ନ ପ୍ରଶ୍ନ ଉପରେ ସେ ବିସ୍ତୃତ ଆଲୋଚନା କରିଥିଲେ। ସର୍ବଶେଷରେ, ବର୍ତ୍ତମାନ ସମୟରେ ଜଣେ ଏଆଇଡିଏସଓର ସଭ୍ୟ ଭାବରେ ନିଜର କର୍ତ୍ତବ୍ୟ ଓ ଭୂମିକା ସମ୍ପର୍କରେ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏସୟୁସିଆଇ(ସି) ରାଜ୍ୟ ସମ୍ପାଦକ ମଣ୍ଡଳୀର ବରିଷ୍ଠ ସଦସ୍ୟ କମ୍ରେଡ ବିଷ୍ଣୁ ଦାସ, ଏଆଇଡିଏସଓର ପୂର୍ବତନ ରାଜ୍ୟ ସଭାପତି କମ୍ରେଡ୍ ଗଣେଶ ତ୍ରିପାଠୀ, କେନ୍ଦ୍ରୀୟ ପରିଷଦର ଯୁଗ୍ମ ସମ୍ପାଦକ କମ୍ରେଡ୍ ସମର ମହୋତୋ ପ୍ରମୁଖ ଉପସ୍ଥିତ ଥିଲେ। ଏହି ତ୍ରିଦିବସୀୟ କାର୍ଯ୍ୟକ୍ରମରେ ପ୍ରତିଦିନ ସକାଳେ ବ୍ୟାୟାମ ଶିକ୍ଷା ଦିଆଯାଉଥିଲା। ବିଭିନ୍ନ ପ୍ରଶ୍ନକୁ ନେଇ ପ୍ରତିଦିନ ଗ୍ରୁପ ଆଲୋଚନା ଆୟୋଜିତ ହୋଇଥିଲା। ମହାନ ନେତା କମ୍ରେଡ ଶିବଦାସ ଘୋଷଙ୍କ ଉପରେ ରଚିତ ସଙ୍ଗୀତ ପରିବେଷଣ ମଧ୍ୟଦେଇ ଏହି ଶିକ୍ଷା - ସାଂସ୍କୃତିକ ସମାବେଶ ଉଦ୍‌ଯାପିତ ହୋଇଥିଲା।

★★★

# ଆଖିରେ ଅସୁମାରୀ ସ୍ୱପ୍ନ ବୁକୁରେ ଗଭୀର ସଂକଳ୍ପ ନେଇ କମସୋମଲର ତ୍ରିଦିବସୀୟ ଶିବିର ଉଦ୍‌ଯାପିତ

"ଏହି କ୍ୟାଂପରୁ ଫେରି ମୁଁ ନିଜ ଭିତରେ ଅନେକ ପରିବର୍ତ୍ତନ ଅନୁଭବ କରୁଛି। ଏହା କେବଳ ଏକ ଶିବିର ନଥିଲା, ବରଂ ମୋ ଜୀବନ ବଦଳାଇଦେବାର ଏକ ମହାନ ମୁହୂ© ଥିଲା।' ଶିବିରରୁ ଫେରିଥିବା ଜଣେ କିଶୋରର ଏହି ଆବେଗଭରା ସ୍ୱୀକାରୋକ୍ତି ହିଁ ପ୍ରମାଣିତ କରେ ମେ ୧୭, ୧୮ ଓ ୧୯ ତାରିଖରେ କମସୋମଲ ଉଦ୍ୟୋଗରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ଗ୍ରୀଷ୍ମକାଳୀନ ଶିବିରର ସଫଳତାକୁ। ଭାରତବର୍ଷର ଏହି ଅଗ୍ରଣୀ କିଶୋର ସଂଗଠନ କମସୋମଲ ର ଆହ୍ୱାନରେ ଓଡ଼ିଶାର କୋଣ ଅନୁକୋଣରୁ ଧାଇଁ ଆସିଥିବା ଶହ ଶହ କିଶୋର-କିଶୋରୀଙ୍କ ପାଇଁ ଏହି ତିନିଦିନ ଥିଲା ପ୍ରେରଣା ଓ ସଂକଳ୍ପର ଏକ ଅପୂର୍ବ ସମାହାର।

ଶିବିରର ପ୍ରଥମ ଦିବସଟି ଅନୁଷ୍ଠିତ ହୋଇଥିଲା ଅନୁଗୁଳଠାରେ। ପ୍ରଥମ ସଂଝରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା କିଶୋର-କିଶୋରୀମାନେ ନାଟକ, ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ମେଡିକାଲ୍ ସର୍ଭିସ୍ ସେଣ୍ଟର, ଓଡ଼ିଶା ରାଜ୍ୟ କମିଟିର ସଂପାଦକ ଡାକ୍ତର ପ୍ରାଜ୍ଞ ଅନିର୍ବାଣ ଏବଂ ତାଙ୍କ ସହଯୋଗୀମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ସଂପର୍କିତ ତଥା ମୋବାଇଲ ବ୍ୟବହାର ସଂପର୍କିତ ସତର୍କତା ଉପରେ କରିଥିବା ଉପାଦେୟ ଆଲୋଚନା ପ୍ରତିନିଧିମାନଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା।

ଶିବିରର ଦ୍ୱିତୀୟ ଦିବସ ହୋଇଥିଲା ଭୁବନେଶ୍ୱରସ୍ଥିତ ଏସୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ କାର୍ଯ୍ୟାଳୟ ଠାରେ। ପୂର୍ବାହ୍ନରେ ଯେତେବେଳେ ଏସୟୁସିଆଇ(କମ୍ୟୁନିଷ୍ଟ) କେନ୍ଦ୍ରୀୟ କମିଟି ସଦସ୍ୟ ତଥା ଓଡିଶା ରାଜ୍ୟ ସମ୍ପାଦକ କମ୍ରେଡ ଶଙ୍କର ଦାସଗୁପ୍ତ ରକ୍ତ ପତାକା ଉ©ୋଳନ କଲେ, ଶିବିରାର୍ଥୀଙ୍କ ଭିତରେ ଏକ ଅପୂର୍ବ ଶିହରଣ ଖେଳିଯାଇଥିଲା। ତା'ପରେ କମସୋମଲର ରାଜ୍ୟ ମୁଖପତ୍ର 'କିଶଳୟ'କୁ ନେଇ ଆୟୋଜିତ ଆଲୋଚନା ଚକ୍ରଟି ଅତ୍ୟନ୍ତ ଚି©ାକର୍ଷକ ହୋଇଥିଲା। କିଶୋର ପ୍ରତିନିଧିମାନେ ସୁନ୍ଦର ଭାବେ ବହିର ବିଷୟବସ୍ତୁକୁ ଉପସ୍ଥାପନ କରିଥିଲେ। କିଶଳୟରେ ପ୍ରକାଶିତ ବିଜ୍ଞାନର ପ୍ରଥମ ସହିଦ ଜିଓର୍ଦାନୋ ବ୍ରୁନୋଙ୍କ ବଳିଦାନର କଥା, ଶହୀଦ ରଘୁ-ଦିବାକରଙ୍କ ସଂଗ୍ରାମର କଥା, ଶହୀଦ ବାଜି ରାଉତଙ୍କ ଆତ୍ମ ବଳୀଦାନର ଗାଥା, ଆନି ଫ୍ରାଙ୍କ୍‌ର ଜୀବନ ସଂଗ୍ରାମର ଗାଥା ଆଦି ବିଷୟ କହିଲା ବେଳେ ଶିବିରାର୍ଥୀମାନେ ଭାବପ୍ରବଣତାର ସହ ସେହି ଚରିତ୍ରଗୁଡ଼ିକ ସହିତ ନିଜକୁ ସଂପୂର୍ଣ୍ଣ ଭାବେ ସାମିଲ କରିଦେଇଥିଲେ। ସଂଧ୍ୟାରେ ଭାରତର ସର୍ବ କନିଷ୍ଠ ଶହୀଦ - ଶହୀଦ ବାଜିରାଉତଙ୍କ ଜନ୍ମ ଶତବର୍ଷ ଉପଲକ୍ଷେ ତାଙ୍କ ପ୍ରତିକୃତିରେ କମ୍ରେଡ୍ ଶଙ୍କର ଦାସଗୁପ୍ତ, କମ୍ରେଡ୍ ବିଷ୍ଣୁ ଦାସ, କମ୍ରେଡ୍ ସ୍ୱୟଂପ୍ରଭା ନାୟକ, କମ୍ରେଡ୍ ଛବି ମହାନ୍ତି, କମ୍ରେଡ ସୁବାସ ମଲ୍ଲିକଙ୍କ ସମେତ ଅନ୍ୟାନ୍ୟ ନେତୃବୃନ୍ଦ ଶ୍ରଦ୍ଧାସୁମନ ଅର୍ପଣ କରିବା ପରେ ଏସୟୁସିଆଇ(ସି) ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ୍ ଅଶୋକ ମିଶ୍ର ଆଲୋଚନା ଆରମ୍ଭ କରିଥିଲେ। ତାଙ୍କ ମୁହଁରୁ ସେଇ ୧୨ ବର୍ଷର ନିଷ୍ପାପ ବାଳକର ବୀରତ୍ୱର କାହାଣୀ ଶୁଣୁ ଶୁଣୁ ଶିବିରରେ ଏକ ନିଶ୍ଚଳ ନୀରବତା ଖେଳିଯାଇଥିଲା। ଆଲୋଚନା ଚାଲିଥିବା ବେଳେ ପ୍ରତିନିଧିମାନଙ୍କ ଆଖିରୁ ସ୍ୱତଃସ୍ଫୂ© ଲୁହ ଝରି ଆସିଥିଲା। ଏହାପରେ ଅଂଶଗ୍ରହଣକାରୀ ପ୍ରତିନିଧିମାନେ ପ୍ରଗତିଶୀଳ ନାଟକ, ଗୋଷ୍ଠୀ ସଙ୍ଗୀତ, ନୃତ୍ୟ ଆଦି ପରିବେଷଣ କରିଥିଲେ। ଭାରତର ଜାତୀୟ ଖେଳ ହକିର ଏକ ସୁନ୍ଦର ଡେମୋ ମଧ୍ୟ ପ୍ରଦର୍ଶନ କରାଯାଇଥିଲା। ଆତ୍ମରକ୍ଷା କୌଶଳ ମଧ୍ୟ ଶିଖା ଯାଇଥିଲା।

ଉଦ୍‌ଯାପନୀ ଦିବସର ସକାଳ ସମୟରେ ପ୍ୟାରେଡ ଶିକ୍ଷା ଦିଆଯାଇଥିଲା। 'ସ୍ୱାଧୀନତ୍ତୋର ଭାରତବର୍ଷର ମହାମନୀଷୀ ଭାରତବର୍ଷରେ କମସୋମଲର ପ୍ରତିଷ୍ଠାତା ଶିବଦାସ ଘୋଷ' ଶୀର୍ଷକ ବିଷୟବସ୍ତୁ ଉପରେ ଶିବିରର ଉଦଯାପନୀ ଆଲୋଚନା କରିଥିଲେ କମ୍ରେଡ୍ ଶଙ୍କର ଦାସଗୁପ୍ତ। ଏହି ଆଲୋଚନା ପ୍ରତିଟି ପ୍ରତିନିଧିମାନଙ୍କ ମନରେ ନୂତନ ପ୍ରେରଣା ଭରିଦେଇଥିଲା। ପ୍ରତିନିଧିମାନେ ଆବେଗଭରା କଣ୍ଠରେ କହିଥିଲେ, "ଆମେ ଆଜି ଏହି ଶିବିର ମାଧ୍ୟମରେ ଦେଶର ଜଣେ ଏତେ ବଡ ମନୀଷୀଙ୍କ ବିଷୟରେ ଏତେ ଭଲଭାବେ ଜାଣିବାକୁ ପାଇଲୁ। ଆଲୋଚନା ଶେଷରେ ପ୍ରତିନିଧିମାନଙ୍କ ମୁଖମଣ୍ଡଳ ଏକ ଅପୂର୍ବ ଆତ୍ମବିଶ୍ୱାସର ଆଲୋକରେ ଉଜ୍ଜ୍ୱଳ ହୋଇଉଠିଥିଲା। ଶେଷରେ ସମଗ୍ର ଶିବିର ଗୋଟିଏ ସ୍ୱରରେ ଗାଇ ଉଠିଥିଲା ଏ ଯୁଗର ମହାନ ମାର୍କ୍ସବାଦୀ ଦାର୍ଶନିକ ତଥା କମସୋମଲ୍‌ର ପ୍ରତିଷ୍ଠାତା କମ୍ରେଡ୍ ଶିବଦାସ ଘୋଷଙ୍କ ଉପରେ ରଚିତ ସଙ୍ଗୀତ। ଏହି ସଙ୍ଗୀତ ଗାନ ଭିତର ଦେଇ, ଆଖିରେ ଆଗାମୀ ଦିନର ସୁନ୍ଦର ସମାଜ ଗଢ଼ିବାର ସଂକଳ୍ପ ନେଇ ଶେଷ ହୋଇଥିଲା ଏହି ତ୍ରିଦିବସୀୟ ଅଭୁଲା ଶିକ୍ଷା ଶିବିର।

★★★

## ସୋର ରେଳ . . .

( ୧ମ ପୃଷ୍ଠାର ଅବଶିଷ୍ଟାଂଶ)

ଏହିଧରଣର ଗୋଟିଏ ଦୁର୍ଭାଗ୍ୟଜନକ ଘଟଣା ଘଟିଛି । ଏସୟୁସିଆଇ(କମ୍ୟୁନିଷ୍ଟ) ପାର୍ଟି ଉଦ୍ୟୋଗରେ ମଇ ୧୭ ରୁ ୧୯ ତାରିଖ ପର୍ଯ୍ୟନ୍ତ ଅନୁଗୁଳ ଜିଲ୍ଲାର ନାଲକୋ ନଗରଠାରେ ସମଗ୍ର ରାଜ୍ୟର ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ, ବିଶେଷ କରି ପାର୍ଟିର କର୍ମୀ ଓ ସମର୍ଥକମାନଙ୍କ ପରିବାରର କିଶୋର-କିଶୋରୀମାନଙ୍କୁ ନେଇ ଏକ ଗ୍ରୀଷ୍ମକାଳୀନ ସାଂସ୍କୃତିକ ଶିବିରର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ପାର୍ଟିର କିଶୋର ଶାଖା କମସୋମଲ (KOMSOMOL) ଜରିଆରେ ପରିଚାଳିତ ହେଉଥିଲା । ତରୁଣ ପିଢ଼ି ମଧ୍ୟରେ ଉଚ୍ଚ ମାନବୀୟ ମୂଲ୍ୟବୋଧ, ଦେଶାତ୍ମବୋଧ ଏବଂ ପ୍ରଗତିଶୀଳ ସାଂସ୍କୃତିକ ଚେତନା ଜାଗ୍ରତ କରିବା ଉଦ୍ଦେଶ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା । ବିଶେଷ କରି ଚଳିତ ବର୍ଷ ଅମର ଶହୀଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ଓ ଶହୀଦ୍ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମ ବାର୍ଷିକୀ ପାଳିତ ହେଉଥିବାରୁ, ଶିବିରରେ ସେହି ବୀର ଶହୀଦ ମାନଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋଚନା କରି ପିଲାମାନଙ୍କୁ ଅତୀତର ମହା ମନୀଷୀ ଓ ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ଆଦର୍ଶରେ ଉଦବୁଦ୍ଧ କରିବାର ପରିକଳ୍ପନା ରହିଥିଲା । ସୂଚନାଯୋଗ୍ୟ, ଏସୟୁସିଆଇ (କମ୍ୟୁନିଷ୍ଟ) ପାର୍ଟି ପକ୍ଷରୁ ଦୀର୍ଘ ବହୁ ବର୍ଷ ଧରି ସମ୍ପୂର୍ଣ୍ଣ ଶୃଙ୍ଖଳାର ସହ ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ଏଭଳି ଶିବିରମାନ ସଫଳତାର ସହ ଆୟୋଜନ କରାଯାଉଛି ।

ମଇ ୧୬ ତାରିଖ ସନ୍ଧ୍ୟା ପ୍ରାୟ ୭.୦୦ ଟା ସମୟରେ ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ଅଂଚଳର ୨୮ ଜଣ କିଶୋର କିଶୋରୀ ଏହି ଶିବିରରେ ଯୋଗଦେବା ପାଇଁ ବସ୍ ଯୋଗେ ଆସି ସୋର ରେଳ ଷ୍ଟେସନରେ ପହଂଚିଥିଲେ । ସେମାନଙ୍କୁ ଟ୍ରେନରେ ଚଢ଼ାଇ ଗାଁ କୁ ଫେରିଯିବା ଉଦ୍ଦେଶ୍ୟରେ ଅଭିଭାବକମାନେ ମଧ୍ୟ ପିଲା ମାନଙ୍କ ପରେ ପରେ ମଟର ସାଇକଲ ଯୋଗେ ସୋର ଷ୍ଟେସନରେ ପହଂଚିଥିଲେ ।

ପିଲାମାନେ ଷ୍ଟେସନରେ ପହଂଚିବା ସଙ୍ଗେ ସଙ୍ଗେ ଗୋଟିଏ ଟିଭି ଚ୍ୟାନେଲର ଜନୈକ ସାମ୍ବାଦିକ ଏବଂ ନିଜକୁ ବଜରଙ୍ଗ ଦଳ ଓ ଆରଏସଏସ ର ସଦସ୍ୟ ବୋଲି ଦାବି କରୁଥିବା ୨୦ ରୁ ୨୫ ଜଣ ଉଗ୍ର ନିଶାସକ୍ତ ଯୁବକ ସେଠାରେ ପହଞ୍ଚିଥିଲେ । ପିଲାମାନଙ୍କୁ ଧର୍ମାନ୍ତରୀକରଣ ପାଇଁ ନିଆ ଯାଉଛି ବୋଲି ମିଥ୍ୟା ଓ ମନଗଢ଼ା ଅଭିଯୋଗ ଆଣି ଏହି ଯୁବକମାନେ ରେଳବାଇ ପୋଲିସ୍ ଓ ଆରପିଏଫ୍‌ର ଉପସ୍ଥିତିରେ ପିଲାମାନଙ୍କୁ ଧମକଚମକ ଦେଇଥିଲେ, ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ ଓ ଶାରୀରିକ ଆକ୍ରମଣ ମଧ୍ୟ କରିଥିଲେ । ପିଲାମାନେ ସ୍ୱେଚ୍ଛାରେ ଏବଂ ସେମାନଙ୍କ ସମ୍ମତିରେ ଅନୁଗୁଳ ଶିବିରରେ ଯୋଗଦେଉଛନ୍ତି ବୋଲି ଅଭିଭାବକମାନେ ପୋଲିସକୁ ଜଣାଇବା ସତ୍ତ୍ୱେ ମଧ୍ୟ ପୋଲିସ ସେହି ଅସାମାଜିକ ଯୁବକ ମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା କିମ୍ବା ପିଲାମାନଙ୍କୁ ସେମାନଙ୍କ କବଳରୁ ଉଦ୍ଧାର କରିନଥିଲା । ସନ୍ଧ୍ୟା ୭.୩୦ ରୁ ରାତି ୧.୩୦ ପର୍ଯ୍ୟନ୍ତ ଦୀର୍ଘ ପ୍ରାୟ ୭ ଘଣ୍ଟା ଧରି ସେହି ଆସାମାଜିକ ଯୁବକମାନେ ଷ୍ଟେସନ ପରିସରରେ ଆତଙ୍କରାଜ ଚଳାଇଥିଲେ ଓ ବିନା ବାଧାରେ ପିଲାମାନଙ୍କୁ ଭୟଭୀତ କରିଚାଲିଥିଲେ । ଏହା ଫଳରେ କିଶୋରୀ ମାନେ ଶାରୀରିକ ଭାବରେ ସମ୍ପୂର୍ଣ୍ଣ ଅସୁରକ୍ଷିତ ହୋଇପଡ଼ିଥିଲେ । ପରବର୍ତ୍ତୀ ସମୟରେ ସୋର ଥାନା ପୋଲିସ ସେଠାରେ ପହଞ୍ଚିବା ପରେ ମଧ୍ୟ ସେହି ଅସାମାଜିକ ଯୁବକ ମାନଙ୍କୁ ବାଧା ଦେଇନଥିଲା । ବରଂ ମନେ ହେଉଥିଲା ସତେ ଯେମିତି ସେଠିକାର ସମଗ୍ର ପୋଲିସ ପ୍ରଶାସନ ବିପଦଗ୍ରସ୍ତ କିଶୋର କିଶୋରୀ ଓ ସେମାନଙ୍କ ଅଭିଭାବକ ମାନଙ୍କୁ ସୁରକ୍ଷା ଦେବା ପରିବର୍ତ୍ତେ ସେହି ଅସାମାଜିକ ଯୁବକ ମାନଙ୍କ ନିର୍ଦ୍ଦେଶରେ କାମ କରୁଥିଲା ଏବଂ ସେମାନଙ୍କର ଅପରାଧ ମୂଳକ କାର୍ଯ୍ୟକଳାପରେ ସହାୟତା କରୁଥିଲା ।

ଏଠାରେ ଆମେ ସ୍ପଷ୍ଟ କରିଦେବାକୁ ଚାହୁଁ ଯେ ଯଦି କୌଣସି ବ୍ୟକ୍ତି ବା ସଙ୍ଗଠନ ଆଇନ ଭଙ୍ଗକରେ ବା କୌଣସି ପ୍ରକାର ବେଆଇନ କାର୍ଯ୍ୟକଳାପରେ ଲିପ୍ତ ରହେ ତାହେଲେ ଆଇନ ଅନୁଯାୟୀ ସମ୍ପୃକ୍ତ ବ୍ୟକ୍ତି ବା ସଙ୍ଗଠନ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାୟିତ୍ୱ ପୋଲିସ ପ୍ରଶାସନ ଉପରେ ନ୍ୟସ୍ତ । କୌଣସି ଆତ୍ମଘୋଷିତ ଗୁଜବ ସୃଷ୍ଟିକାରୀ ଅପରାଧୀ ଗୋଷ୍ଠୀକୁ ବାହୁ ବଳରେ ପୋଲିସ ପ୍ରଶାସନର ଏହି ଦାୟିତ୍ୱକୁ ଅପହରଣ କରିବାକୁ ଦିଆଯାଇ ପାରିବ ନାହିଁ । ଏହାଦ୍ୱାରା ଗଣତାନ୍ତ୍ରିକ ବ୍ୟବସ୍ଥାରେ ବହୁପ୍ରଚାରିତ ଆଇନ ର ଶାସନ ପରିବର୍ତ୍ତେ ଭିଡ଼ର ଶାସନ ପ୍ରତିଷ୍ଠିତ ହେବ । ଆଇନ ସମ୍ମତ ପ୍ରକ୍ରିୟା ବଦଳରେ ଶକ୍ତିଶାଳୀର ଆଧିପତ୍ୟ ପ୍ରତିଷ୍ଠିତ ହେବ । ଏହା କେବଳ ବେଆଇନ ନୁହେଁ, ସାମ୍ବିଧାନିକ, ଗଣତାନ୍ତ୍ରିକ ବ୍ୟବସ୍ଥା ଓ ବ୍ୟକ୍ତି ସ୍ୱାଧୀନତା ଉପରେ ନଗ୍ନ ଆକ୍ରମଣ । ମାତ୍ର ଦୁର୍ଭାଗ୍ୟଜନକ ହେଲେ ମଧ୍ୟ ମଇ ୧୬ ତାରିଖ ରାତିରେ ସୋର ରେଳ ଷ୍ଟେସନରେ ଠିକ୍ ଏହାହିଁ ଘଟିଥିଲା । ପୋଲିସର ଉପସ୍ଥିତିରେ ଅପରାଧୀ ଗୋଷ୍ଠୀ ଆଇନକୁ ନିଜ ହାତକୁ ନେଲେ ଏବଂ ଦୀର୍ଘ ୭ ଘଣ୍ଟା ଧରି ପୋଲିସ ନିରବଦ୍ରଷ୍ଟା ସାଜିଲା, ଏହା ଫଳରେ କାର୍ଯ୍ୟତଃ ଅପରାଧୀମାନଙ୍କୁ ଅପରାଧ ଘଟାଇବାରେ ସହାୟତା କଲା ।

ସୋର ରେଳ ଷ୍ଟେସନରେ ଦୀର୍ଘ ସମୟଧରି ଅକଥନୀୟ ନିର୍ଯାତନାରେ ସେହି ଅତ୍ୟାଚାରିତ କିଶୋର କିଶୋରୀଙ୍କ ଦୁର୍ଦ୍ଦଶା ଶେଷ ହେଲାନାହିଁ । ସେମାନଙ୍କ ମଧ୍ୟରୁ ୫ ଜଣ କିଶୋର ଓ ୧୪ ଜଣ କିଶୋରୀଙ୍କୁ ଅନୁଗୁଳ ଶିବିରରେ ଯୋଗଦେବାରୁ ବଂଚିତ କରାଗଲା । ସେମାନଙ୍କୁ କେଉଁଠି ରଖାଗଲା ସେ ବିଷୟରେ ଅଭିଭାବକ ମାନଙ୍କୁ ସୂଚନା ଦିଆଗଲା ନାହିଁ । ପରେ ଜଣାପଡ଼ିଲା ୧୪ ଜଣଯାକ କିଶୋରୀଙ୍କୁ ପ୍ରଥମେ ସୋରସ୍ଥ ଗାନ୍ଧୀ ସେବାସଂଘ, ପୁରବାଇ କନ୍ୟାଶ୍ରମରେ ରଖାଯାଇଥିଲା । ତା'ପରେ ସେମାନଙ୍କୁ ଅଲଗା ଅଲଗା କରି ୪ ଜଣଙ୍କୁ ସୋରରେ, ୫ ଜଣଙ୍କୁ ରେମୁଣା ମ୍ୟାରିଲାକରେ ଓ ୫ ଜଣଙ୍କୁ ନୀଳଗିରିସ୍ଥ କୃଷ୍ଣ ସୁକୁରି ବାଳାଶ୍ରମରେ ରଖାଯାଇଥିଲା । ଏହିଭଳି ଅଲଗା ଅଲଗା ଭାବରେ ରଖିବା ଫଳରେ ଝିଅ ପିଲାମାନେ ଆହୁରି ଅସହାୟ ଓ ଭିତସନ୍ତ୍ରସ୍ତ ହୋଇପଡ଼ିଲେ । ଦୁଇ ଭଉଣୀ ସେମାନଙ୍କର ଦରକାରୀ ଜିନିଷ ଗୋଟିଏ ବ୍ୟାଗ ରେ ରଖିଥିଲେ ମାତ୍ର ସେମାନଙ୍କୁ ଅଲଗା କରିଦେବା ଫଳରେ ଜଣେ ଭଉଣୀକୁ ୫ ରାତି ଓ ୪ ଦିନ ଧରି ଏକବସ୍ତ୍ର ହୋଇ ରହିବାକୁ ପଡ଼ିଲା । ପିଲାମାନଙ୍କୁ କେଉଁଠି ରଖାଯାଇଛି ସେ ବିଷୟରେ ପିଲାଙ୍କ ଅଭିଭାବକ ମାନଙ୍କୁ କୌଣସି ସୂଚନା ଦିଆଯାଇନଥିଲା । ଏପରିକି ପିଲା ମାନଙ୍କୁ ତାଙ୍କ ବାପା ମା ଓ ଅଭିଭାବକ ମାନଙ୍କ ସହିତ ଫୋନ ରେ କଥାବାର୍ତ୍ତା କରିବାକୁ ମଧ୍ୟ ଦିଆଗଲାନାହିଁ ।ଫଳରେ ଉଭୟ ଅଭିଭାବକ ଓ ପିଲାମାନେ ଭୀଷଣ ମାନସିକ ଓ ଶାରୀରିକ ଯନ୍ତ୍ରଣା ଭୋଗିଲେ । ୫ ଜଣ କିଶୋରଙ୍କୁ ବାଲେଶ୍ୱରସ୍ଥ ଉତ୍କଳ ବାଳାଶ୍ରମରେ ରଖାଯାଇଛି ବୋଲି ଖବର ମିଳିଲା । ସେମାନେ ମଧ୍ୟ ଅନୁରୂପ ନିର୍ଯାତନା ଭୋଗ କରିଥିଲେ ।

ଜିଲ୍ଲା ଶିଶୁ ମଙ୍ଗଳ କମିଟି (CWC) ହେପାଜତରେ ପିଲା ମାନଙ୍କୁ ରଖାଯାଇଛି ବୋଲି ଖବର ମିଳିବାପରେ ଅଭିଭାବକମାନେ ସମସ୍ତ ପ୍ରକାର ପରିଚୟପତ୍ର ସହିତ ବାଲେଶ୍ୱର ଜିଲ୍ଲାପାଳ ଓ ଶିଶୁ ମଙ୍ଗଳ କମିଟିର ଚେୟାରମ୍ୟାନଙ୍କୁ ସାକ୍ଷାତ କରିବାକୁ ଉଦ୍ୟମକରି ବିଫଳ ହୋଇ ପିଲା ମାନଙ୍କୁ ଛାଡ଼ିବା ଦାବିରେ ଏଡିଏମଙ୍କୁ ଦାବିପତ୍ର ଦେଇଥିଲେ । ଏହି ସମୟରେ ବାଲେଶ୍ୱର ଶିଶୁ ମଙ୍ଗଳ କମିଟି ପକ୍ଷରୁ ଜଣାଇ ଦିଆଯାଇଥିଲା ଯେ ପିଲାମାନେ ମୟୂରଭଞ୍ଜ ଜିଲ୍ଲାର ବାସିନ୍ଦା ହୋଇଥିବାରୁ ସେମାନଙ୍କୁ ବାରିପଦା ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯିବ ଓ ଅଭିଭାବକମାନେ ସେଠାରୁ ପିଲାମାନଙ୍କୁ ନେବେ । ଏହା ଫଳରେ ଅଭିଭାବକମାନେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଅସହ୍ୟ ଗୁଳୁଗୁଳି ସତ୍ତ୍ୱେ ଖର୍ଚ୍ଚାନ୍ତ ହୋଇ ବାରିପଦା ଦୌଡିବାକୁ ବଧହେଲେ । ମାତ୍ର ପିଲାମାନଙ୍କୁ ବାରିପଦା ପଠା ଗଲାନାହିଁ । ଶିଶୁ ମଙ୍ଗଳ କମିଟି କର୍ତ୍ତୃପକ୍ଷ ପିଲା ମାନଙ୍କୁ ସେମାନଙ୍କ ଅଭିଭାବକ ମାନଙ୍କ ହେପାଜତରେ ଛାଡ଼ିଦେବେ ବୋଲି ୩ ଥର ପ୍ରତିଶୃତି ଦେଇ ମଧ୍ୟ ପିଲାଙ୍କୁ ଛାଡ଼ିଲେ ନାହିଁ । ଫଳରେ ଅଭିଭାବକ ମନେ ତିନିଥର ନିଜ ଗାଁରୁ ବାଲେଶ୍ୱର ଯାଇ ଖର୍ଚ୍ଚାନ୍ତ ହେଲେ ଓ ହତାଶ ହୋଇ ଫେରିଲେ ।

ଏହିଭଳି ପରିସ୍ଥିତିରେ ପାର୍ଟି ରାଜ୍ୟ କମିଟି ସଦସ୍ୟ ତଥା ଯଶିପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ କମ୍ରେଡ ଶମ୍ଭୁନାଥ ନାୟକ ବାରିପଦା ଓ ବାଲେଶ୍ୱରରେ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ଯୋଗାଯୋଗ କରି ପିଲାମାନଙ୍କୁ ଛାଡ କରିବାକୁ ଉଦ୍ୟମ କରିଥିଲେ । ପାର୍ଟି ରାଜ୍ୟ କମିଟି ସଦସ୍ୟା କମ୍ରେଡ୍ ଛବି ମହାନ୍ତି ଘଟଣା ସମ୍ପର୍କରେ ବାଲେଶ୍ୱରର ମାନ୍ୟବର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଷଡ଼ଙ୍ଗୀଙ୍କୁ ଯୋଗାଯୋଗ କରିବାରୁ ସୋର ଷ୍ଟେସନରେ ଉନ୍ମତ୍ତ କାଣ୍ଡ ଘଟାଇଥିବା ଅସାମାଜିକ ଯୁବକମାନେ ବଜରଙ୍ଗ ଦଳ କିମ୍ବା ଆରଏସଏସର ସଦସ୍ୟ ନୁହଁନ୍ତି ବୋଲି ସେ କହିଥିଲେ । ବହୁ ପ୍ରକାର ଉଦ୍ୟମ ପରେ ମଇ ୨୧ ତାରିଖ ସକାଳେ ପିଲାମାନଙ୍କୁ ମୁକ୍ତ କରାଗଲା । ମାତ୍ର ପିଲାମାନଙ୍କୁ ଅନୁଗୁଳ ଶିବିରରେ ଯୋଗ ଦେବାରୁ ବଂଚିତ କରି, ଦୀର୍ଘ ୪ ଦିନ ଓ ୫ ରାତି ଅନେକ ପିଲାଙ୍କୁ ଏକବସ୍ତ୍ର ହୋଇ ରହିବାକୁ ବାଧକରି, ଅଭିଭାବକ ମାନଙ୍କୁ ପିଲାମାନଙ୍କ ସହିତ ସାକ୍ଷାତ୍ କରିବାର ସୁଯୋଗ ନଦେଇ ବାଲେଶ୍ୱର ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧିକାରୀମାନେ ପିଲାମାନଙ୍କ ପ୍ରତି କେବଳ ଅତ୍ୟନ୍ତ କ୍ରୁର ଓ ଅମାନବୀୟ ବ୍ୟବହାର କରିନାହାନ୍ତି ପିଲାମାନଙ୍କର ଗଣତାନ୍ତ୍ରିକ ଅଧିକାର ଉଲ୍ଲଂଘନ କରିଛନ୍ତି, ଯାହା ଆଇନ ଅନୁଯାୟୀ ଦଣ୍ଡନୀୟ ।

ପୁଣି ପ୍ରଶ୍ନ ହେଉଛି, ମାନ୍ୟବର ସାଂସଦଙ୍କ କହିବା ଅନୁଯାୟୀ ସୋର ଷ୍ଟେସନରେ ଦୀର୍ଘ ପ୍ରାୟ ୭ ଘଣ୍ଟା ଧରି ପୋଲିସ ଉପସ୍ଥିତିରେ ଆତଙ୍କରାଜ ଚଳାଇଥିବା ଅସାମାଜିକ ଯୁବକ ମାନେ ଯଦି ବଜରଙ୍ଗ ଦଳ ବା ଆରଏସ୍‌ଏସ୍‌ର ସଦସ୍ୟ ନୁହଁନ୍ତି ତାହେଲେ ସେମାନେ କିଏ ? ସେମାନଙ୍କୁ ଚିହ୍ନଟ କରି ଆଇନ ଅନୁଯାୟୀ ଦଣ୍ଡିତ କରିବା ଦାୟିତ୍ୱ ନିଶ୍ଚିତ ଭାବରେ ପୋଲିସ ପ୍ରଶାସନ ଓ ସରକାରଙ୍କର । ମାତ୍ର ପୋଲିସ ପ୍ରଶାସନ ଏ ଦିଗରେ ସମ୍ପୂର୍ଣ୍ଣ ନିଷ୍କ୍ରିୟ ।

ଏହିଭଳି ବେଦନାଦାୟକ ପରିସ୍ଥିତିରେ ମଇ ୧୬-୧୭ ରାତିରେ ସୋର ରେଳ ଷ୍ଟେସନରେ ନିରପରାଧ କିଶୋର-କିଶୋରୀ ଓ ସେମାନଙ୍କ ଅଭିଭାବକମାନଙ୍କୁ ଅପମାନିତ ଓ ଅଶ୍ରାବ୍ୟ ଭାଷାରେ ଘଣ୍ଟା ଘଣ୍ଟା ଧରି ଗାଳିଗୁଲଜ କରିଥିବା , ବିଶେଷ କରି କିଶୋରୀ ମାନଙ୍କୁ ଅଶ୍ଳୀଳ ବ୍ୟବହାର କରିଥିବା ଏବଂ ଅସୁରକ୍ଷିତ ଅବସ୍ଥାରେ ପକାଇଥିବା ସମସ୍ତ ଅସାମାଜିକ ଯୁବକମାନଙ୍କୁ ସିସିଟିଭି (CCTV) ଫୁଟେଜ୍ ଆଧାରରେ ଚିହ୍ନଟ କରାଯାଇ ସେମାନଙ୍କ ବିରୁଦ୍ଧରେ ତୁରନ୍ତ ଉପଯୁକ୍ତ ଅପରାଧିକ ମାମଲା ରୁଜୁ କରିବା, ଘଟଣା ସ୍ଥଳରେ ଉପସ୍ଥିତ ଥାଇ ମଧ୍ୟ ନିରବଦ୍ରଷ୍ଟା ସାଜି ଅପରାଧକୁ ପ୍ରୋତ୍ସାହିତ କରିଥିବା ସୋର ରେଳବାଇ ପୋଲିସ, ସୋର ଥାନା ପୋଲିସ ଏବଂ ଆରପିଏଫ୍ ଅଧିକାରୀମାନଙ୍କ ବିରୁଦ୍ଧରେ ବିଭାଗୀୟ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ପିଲାମାନଙ୍କୁ ଅଜ୍ଞାତ ସ୍ଥାନରେ ରଖି ସେମାନଙ୍କୁ ଏବଂ ସେମାନଙ୍କ ପରିବାରକୁ ଚରମ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିବା ଅଧିକାରୀମାନଙ୍କ ବିରୁଦ୍ଧରେ ତୁରନ୍ତ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ରାଜ୍ୟର ବିଭିନ୍ନ ସ୍ଥାନରେ ପୋଲିସର ଉପସ୍ଥିତିରେ ଘଟୁଥିବା ଏହିଭଳି ମିଥ୍ୟା ଗୁଜବଭିତ୍ତିକ ଭିଡ଼ ହିଂସାକୁ ରୋକିବା ପାଇଁ ସରକାରୀ ସ୍ତରରେ ଏକ ସ୍ପଷ୍ଟ ଏବଂ କଠୋର ନିର୍ଦ୍ଦେଶନାମା ଜାରି କରିବା ଏବଂ ଏହାର ଅନୁପାଳନକୁ ନିଶ୍ଚିତ କରିବା ଦାବିରେ ଜୁନ ୫ ତାରିଖରେ ପାର୍ଟି ପକ୍ଷରୁ ରାଜ୍ୟପାଳ,ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଗୃହ ସଚିବ ଓ ପୋଲିସ ମହାନିର୍ଦ୍ଦେଶକଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଏହା ବ୍ୟତୀତ ପାର୍ଟି ରାଜ୍ୟ କମିଟି ପକ୍ଷରୁ ଭୁବନେଶ୍ୱର ଲୋହିଆ ଏକାଡେମୀ ଠାରେ ଆହୂତ ଏକ ସାମ୍ବାଦିକ ସମ୍ମିଳନୀ ଉପରୋକ୍ତ ଘଟଣାରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ସରକାରଙ୍କ ନିକଟରେ ଦୃଢ଼ ଦାବି କରାଯାଇଛି । ପାର୍ଟି ରାଜ୍ୟ କମିଟିର ବରିଷ୍ଠ ସଦସ୍ୟ କମ୍ରେଡ୍ ଶମ୍ଭୁନାଥ ନାୟକ, ପୂର୍ଣ୍ଣଚନ୍ଦ୍ର ବେହେରା ଓ ସୁବାସ ନାୟକ ପ୍ରତିନିଧି ଦଳରେ ଯାଇ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଗୃହ ସଚିବଙ୍କୁ ଦାବିପତ୍ର ଦେଇଥିଲାବେଳେ କମ୍ରେଡ ବିଶ୍ୱାବସୁ ଦାସ, ବବି ବଳବନ୍ତରାୟ ଓ ସୁକାନ୍ତ ନାୟକ ପୁଲିସ ମହାନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ସାମ୍ବାଦିକ ସମ୍ମିଳନୀରେ ପାର୍ଟି ରାଜ୍ୟ କମିଟିର ବରିଷ୍ଠ ସଦସ୍ୟ କମ୍ରେଡ୍ ବିଷ୍ଣୁ ଦାସ, ଶମ୍ଭୁନାଥ ନାୟକ, ସ୍ୱୟଂପ୍ରଭା ନାୟକ, ବିଶ୍ୱାବସୁ ଦାସ ଓ ପୂର୍ଣ୍ଣଚନ୍ଦ୍ର ବେହେରା ଉପସ୍ଥିତ ଥିଲେ । ପାର୍ଟି ପକ୍ଷରୁ ରାଜ୍ୟରେ ବଢ଼ି ଚାଲିଥିବା ଭିଡ଼ ହିଂସା, ବିଶେଷକରି ଧର୍ମାନ୍ତରୀକରଣ ଓ ଗୋ ହତ୍ୟା ଓ ଗୋ ଚାଲାଣ ଅଭିଯୋଗରେ ବିଭିନ୍ନ ସ୍ଥାନରେ ଅନୁସୂଚିତ ଜାତି, ଜନଜାତି ତଥା ପଛୁଆ ବର୍ଗର ଜନସାଧାରଙ୍କ ଉପରେ ହେଉଥିବା ହିଂସା ଓ ଅତ୍ୟାଚାର ଯୋଗୁ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି ।

★★★

## *ବୈଦେଶିକ ମୁଦ୍ରା . . .*

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

ପ୍ରଚାର କରିବା ଆରମ୍ଭ କରିଦେଇଥିଲେ । ମାତ୍ର ସରକାର ଦରବୃଦ୍ଧି ସମ୍ପର୍କରେ ନୀରବ ରହିଥିଲେ ।

ନିର୍ବାଚନ ପ୍ରଚାର ଶେଷ ହେବା ପରଦିନ, ଭୋଟ ଗ୍ରହଣ ପୂର୍ବରୁ ହିଁ ସରକାର ନିଜ ରୂପ ଦେଖାଇଲେ । ମଇ ୧ ତାରିଖରେ ବ୍ୟବସାୟିକ ରନ୍ଧନ ଗ୍ୟାସର ଦର ଏକାଥରକେ ୯୯୩ ଟଙ୍କା ବୃଦ୍ଧି କରାଗଲା । ଏହା ବ୍ୟବସାୟୀକ ରନ୍ଧନ ଗ୍ୟାସର ସବୁଠାରୁ ଅଧିକ ଏକକାଳୀନ ଦରବୃଦ୍ଧି । ମୁଖ୍ୟତଃ ଛାତ୍ର ଛାତ୍ରୀ ଓ ପ୍ରବାସୀ ଶ୍ରମିକ ମାନେ ବ୍ୟବହାର କରୁଥିବା ୫ କିଲୋ ଓଜନର ରନ୍ଧନ ଗ୍ୟାସ ଦର ମଧ୍ୟ ବୃଦ୍ଧି କରାଗଲା । ଭୋଟ ଫଳାଫଳ ପ୍ରକାଶ ହେବାର ୬ ଦିନ ପରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ବୈଦେଶିକ ମୁଦ୍ରା ବଂଚାଇବା ପାଇଁ ଆହ୍ୱାନ ଦେଲେ ଏବଂ ତାର ୫ ଦିନ ପରେ ପେଟ୍ରୋଲ, ଡିଜେଲ ଦର ଲିଟର ପିଛା ୩ ଟଙ୍କା ଲେଖାଏଁ ବୃଦ୍ଧି କରାଗଲା । ସିଏନଜି ଦର୍ ୨ ଟଙ୍କା ବୃଦ୍ଧି କରାଗଲା । ଇତି ମଧ୍ୟରେ ତିନି ଦଫାରେ ପେଟ୍ରୋଲ, ଡିଜେଲ ଦର ଲିଟର ପିଛା ପ୍ରାୟ ୮ ଟଙ୍କା ବୃଦ୍ଧି କରାଯାଇଛି । ସିଏନଜି ଦର୍ ମଧ୍ୟ ୩ ଦଫାରେ ୬ ଟଙ୍କା ବୃଦ୍ଧି କରାଯାଇଛି । ତା ସତ୍ତ୍ୱେବି ତେଲ କମ୍ପାନୀ ମାନେ କ୍ଷତି ସହୁଛନ୍ତି ଏବଂ ସରକାର କମ୍ପାନୀମାନଙ୍କ କ୍ଷତି ଭରଣା କରୁଛନ୍ତି ବୋଲି ଖବର ପ୍ରକାଶିତ ହେଉଛି । ଯେ କୌଣସ ମୁହୂର୍ତ୍ତରେ ପେଟ୍ରୋଲ, ଡିଜେଲ ଦର ଆହୁରି ବୃଦ୍ଧି ପାଇପାରେ ବୋଲି ଆଶଙ୍କା କରାଯାଉଛି ।

### ପ୍ରଧାନ ମନ୍ତ୍ରୀଙ୍କ ପ୍ରଚାର ଓ ବାସ୍ତବତା

ବର୍ତ୍ତମାନ ପ୍ରଶ୍ନ ଉଠୁଛି ଋଷିଆ – ୟୁକ୍ରେନ ଓ ଅମେରିକା – ଇରାନ ଯୁଦ୍ଧ ଦେଶରେ ଦେଖାଦେଇଥିବା ସଙ୍କଟର କାରଣ ବୋଲି ପ୍ରଧାନମନ୍ତ୍ରୀଙ୍କର ବକ୍ତବ୍ୟ କେତେଦୂର ଯୁକ୍ତିଯୁକ୍ତ ଓ ବାସ୍ତବ ? ଏହି ପ୍ରସଙ୍ଗରେ ଆମେ ଏଠାରେ ପେଟ୍ରୋଲ, ଡିଜେଲ ଦରବୃଦ୍ଧି ସଂକ୍ରାନ୍ତରେ କେତେକ ବିଷୟ ଉପସ୍ଥାପନ କରିବାକୁ ଆବଶ୍ୟକ ମନେ କରୁଛୁ ।

ବିଶ୍ୱ ବଜାରରେ ଅଶୋଧିତ ତେଲର ଦରରେ ଅନିଶ୍ଚିତତା ଲାଗିରହିବା ଓ ଏହା ଫଳରେ ତେଲ କମ୍ପାନୀ ମାନେ କ୍ଷତି ସହିବା ଆଳରେ ୨୦୧୦ ମସିହାରେ କଂଗ୍ରେସ ଦଳ ନେତୃତ୍ୱରେ ପରିଚାଳିତ ଉପା ସରକାର ପେଟ୍ରୋଲ ଦରକୁ ସରକାରୀ ନିୟନ୍ତ୍ରଣ ମୁକ୍ତ କରିଥିଲା । ସେତେବେଳେ କୁହାଯାଇଥିଲା ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲର ଦର ବୃଦ୍ଧି ହେଲେ ଖାଉଟି ମାନେ ଅଧିକ ଦରରେ ତେଲ କିଣିବେ । ଠିକ୍ ସେହିପରି ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର କମିଲେ ଖାଉଟି କମ୍ ଦରରେ ତେଲ ପାଇବେ । ସେହି ଯୁକ୍ତିରେ ୨୦୧୪ ମସିହାରେ ବିଜେପି ସରକାର ଡିଜେଲ ଦରକୁ ସରକାରୀ ନିୟନ୍ତ୍ରଣ ମୁକ୍ତ କରିଥିଲା । ସୂଚନାଯୋଗ୍ୟ ଆମେରିକାରେ ୨୦୦୮ ମସିହାରେ ଦେଖାଦେଇଥିବା ଆର୍ଥିକ ସଙ୍କଟ ପରେ ବିଶ୍ୱ ବଜାରରେ ଅଶୋଧିତ ତେଲର ଦର ଚଢା ରହୁଥିଲା । ଗୋଟିଏ ସମୟରେ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୧୪୮ ମାର୍କିନ ଡଲାର୍‌ରେ ପହଞ୍ଚିଥିଲା । ସେହି ପୃଷ୍ଠଭୂମିରେ ଉପା ସରକାର ବର୍ଦ୍ଧିତ ଦର ବୋଝକୁ ଖାଉଟି ମାନଙ୍କ କାନ୍ଧରେ ପକାଇବା ଉଦ୍ଦେଶ୍ୟରେ ପେଟ୍ରୋଲ ଦରକୁ ସରକାରୀ ନିୟନ୍ତ୍ରଣ ମୁକ୍ତ କରିଥିଲା । ମାତ୍ର ୨୦୧୦ ମସିହା ପରେ ଏ ପର୍ଯ୍ୟନ୍ତ ବିଶ୍ୱ ବଜାରରେ ଅଶୋଧିତ ତେଲର ଦର ଯଥେଷ୍ଟ କମ ରହିଛି । ଗତ ୧୬ ବର୍ଷ ମଧ୍ୟରେ ବ୍ୟାରେଲ ପିଛା ଅଶୋଧିତ ତେଲର ହାରାହାରି ବ୍ୟାରେଲ ପିଛା ଦର ୬୦ ରୁ ୬୫ ମାର୍କିନ ଡଲାର ମଧ୍ୟରେ ରହିଛି । ଚଳିତ ଆମେରିକା – ଇରାନ ଯୁଦ୍ଧ ପରିସ୍ଥିତିରେ ବିଶ୍ୱ ବଜାରରେ ଅଶୋଧିତ ତେଲ ଦର ସବୁଠାରୁ ଅଧିକ ୧୦୮ ମାର୍କିନ ଡଲାରରେ ପହଞ୍ଚିଥିଲା, ବର୍ତ୍ତମାନ ଏହି ଦର ବ୍ୟାରେଲ ପିଛା ୮୭ ମାର୍କିନ ଡଲାର । ବ୍ୟାରେଲ ପିଛା ଅଶୋଧିତ ତେଲ ୧୦୦ ମାର୍କିନ ଡ଼ଲାରରେ ପହଞ୍ଚିବା ପୂର୍ବରୁ ହିଁ ସରକାରଙ୍କ ଗୋଡ଼ାଣିଆ ଗଣମାଧ୍ୟମ ସାରା ଦେଶରେ ହୁରି ପକାଇଲେ ଯେ ତେଲ ଦର୍ ବଢ଼ିଗଲା, ତେଲ କମ୍ପାନୀ ଦେବାଳିଆ ହୋଇଯିବେ, ତେଣୁ ଦର୍ ବଢ଼ାଇବାକୁ ହେବ । ପୂର୍ବରୁ ଉଲ୍ଲେଖ କରାଯାଇଛି ଯେ ଏହି ଦରବୃଦ୍ଧିକୁ ପ୍ରଧାନମନ୍ତ୍ରୀ ଆକାଶ ଠାରୁ ଅଧିକ ଦରବୃଦ୍ଧି ବୋଲି କହିଛନ୍ତି ।

ତେବେ ସେ ଯାହାହେଉ ପେଟ୍ରୋଲ ଓ ଡିଜେଲ ଦରକୁ ସରକାରୀ ନିୟନ୍ତ୍ରଣ ମୁକ୍ତ କଲାବେଳେ ସରକାର ଦେଶର ଜନ ସାଧାରଣଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ପାଳନ କରିନାହାନ୍ତି । ଏ ବାବଦରେ ବର୍ତ୍ତମାନର ବିଜେପି ସରକାର ଓ ପୂର୍ବର କଂଗ୍ରେସ ନେତୃତ୍ୱାଧୀନ ଉପା ସରକାରର ଆଭିମୁଖ୍ୟ ସମାନ । ଅର୍ଥାତ୍ ବିଶ୍ୱ ବଜାରରେ ଅଶୋଧିତ ତେଲର ଦର, ଗତ ୧୨ ବର୍ଷ ଧରି ଯଥେଷ୍ଟ କମ୍ ରହିଥିଲେ ମଧ୍ୟ ଖାଉଟି ମାନଙ୍କୁ କମ୍ ଦରରେ ପେଟ୍ରୋଲ, ଡିଜେଲ ଯୋଗାଇ ନାହାନ୍ତି । ଏହା ପରିବର୍ତ୍ତେ ପେଟ୍ରୋଲ ଓ ଡିଜେଲ ଉପରେ କେନ୍ଦ୍ର ଓ ରାଜ୍ୟ ସରକାର ମାନେ ବିପୁଳ ଟିକସ ଲାଗୁକରି ଗତ ୩ ବର୍ଷରୁ ଅଧିକ ସମୟ ଧରି ପେଟ୍ରୋଲ ଲିଟର, ୧୦୦ ଟଙ୍କାଠାରୁ ଅଧିକ ଏବଂ ଡିଜେଲ ଲିଟର ପାଖାପାଖି ୧୦୦ ଟଙ୍କା ଆଦାୟ କରୁଛନ୍ତି । ଏହିଭଳି ଭାବରେ ଗୋଟିଏ ଦିଗରେ ସରକାର ଓ ଅନ୍ୟ ଦିଗରେ ସରକାରଙ୍କ ସହାୟତାରେ ତେଲ କମ୍ପାନୀ ମାନେ ଜନସାଧାରଣଙ୍କୁ ଶୋଷଣ କରି ବିପୁଳ ଅର୍ଥ ଆଦାୟ କରୁଛନ୍ତି ।

ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ ଋଷିଆ – ୟୁକ୍ରେନ ଯୁଦ୍ଧ ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି । ମାତ୍ର ଏହି ଯୁଦ୍ଧ ଫଳରେ ଭାରତୀୟ ତେଲ କମ୍ପାନୀ, ବିଶେଷ କରି ଘରୋଇ ତେଲ କମ୍ପାନୀମାନେ ଅକଳ୍ପନୀୟ ପରିମାଣର ମୁନାଫା ଅର୍ଜନ କରିଛନ୍ତି । ରୁଷିଆ – ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବାପରେ ଆମେରିକା ତରଫରୁ ଋଷିଆ ଉପରେ ଅର୍ଥନୈତିକ ଅବରୋଧ ଜାରୀ କରାଯିବା ଫଳରେ ଭାରତୀୟ ତେଲ କମ୍ପାନୀ ମାନେ ଋଷିଆରୁ ପ୍ରାୟ ବିନା ମୂଲ୍ୟରେ ଦୀର୍ଘ ୩ ବର୍ଷ ଧରି ଅଶୋଧିତ ତେଲ ଆମଦାନୀ କରିଛନ୍ତି ଏବଂ ସେହି ତେଲକୁ ଶୋଧନ କରି ଦେଶ ଭିତରେ ଓ ଦେଶ ବାହାରେ ଚଢ଼ା ଦରରେ ବିକ୍ରି କରି ଅକଳ୍ପନୀୟ ପରିମାଣର ଲାଭ ଅର୍ଜନ କରିଛନ୍ତି । ମାତ୍ର ସେତେବେଳେ ବି ଦେଶର ଲୋକଙ୍କୁ ପେଟ୍ରୋଲ ଲିଟର ୧୦୦ ଟଙ୍କାରୁ ଅଧିକ ଦେଇ କିଣିବାକୁ ହୋଇଛି । ଆମେରିକା – ଇରାନ ଯୁଦ୍ଧ ଆରମ୍ଭ ହେବାପରେ ଅଶୋଧିତ ତେଲ ବ୍ୟାରେଲ ୧୦୦ ମାର୍କିନ ଡଲାର ଛୁଇଁବା ବେଳକୁ ତେଲ କମ୍ପାନୀ ମାନଙ୍କର କେତେ କ୍ଷତି ହେଉଛି ତାର ବିଶଦ ବିବରଣୀ ପ୍ରଦାନ କରୁଥିବା ଗଣମାଧ୍ୟମ କିମ୍ବା ସରକାର ଋଷିଆରୁ ଶସ୍ତାରେ ତେଲ ଖରିଦ କରି କେତେ ମୁନାଫା ଅର୍ଜନ କରିଛନ୍ତି ତାର ହିସାବ ଦେବାକୁ ଆବଶ୍ୟକ ମନେ କରିନାହାନ୍ତି ।

କେବଳ ସେତିକି ନୁହେଁ, ମାର୍କିନ ଏକଚାଟିଆ ପୁଞ୍ଜିପତି ମାନଙ୍କର କନିଷ୍ଠ ଅଂଶୀଦାର ଭାବରେ ସମଗ୍ର ବିଶ୍ୱ ବଜାରକୁ ଲୁଟ୍ କରିବା ଉଦ୍ଦେଶ୍ୟରେ ଭାରତୀୟ ଏକଚାଟିଆ ପୁଞ୍ଜିପତି ଶ୍ରେଣୀର ସାମଗ୍ରୀକ ଶ୍ରେଣୀ ସ୍ୱାର୍ଥରେ ଭାରତ ସରକାର ରୁଷିଆ କିମ୍ବା ଇରାନରୁ ଶସ୍ତାରେ ଅଶୋଧିତ ତେଲ ଖରିଦ କରିବା ପରିବର୍ତ୍ତେ ଆମେରିକାରୁ ଅଧିକ ଦାମ ଦେଇ ଡ଼ଲାର ବିନିମୟରେ ଅଶୋଧିତ ତେଲ ଖରିଦ କରୁଛନ୍ତି । ବୈଦେଶିକ ମୁଦ୍ରା ସଂଚୟ ପାଇଁ ଜାଳେଣି ତେଲ, ଏପରିକି ଖାଇବା ତେଲ ଓ ରାସାୟନିକ ସାର ବ୍ୟବହାର କମ୍ କରିବାପାଇଁ ଡାକରା ଦେଉଥିବା ଓ ଏହାକୁ ଦେଶପ୍ରେମ ବୋଲି ଚିତ୍ରଣ କରୁଥିବା ପ୍ରଧାନମନ୍ତ୍ରୀ ଏହାର ଜବାବ ଦେଉନାହାନ୍ତି – ଭାରତୀୟ ଟଙ୍କା ବିନିମୟରେ ରୁଷିଆ ଓ ଇରାନରୁ କମ୍ ଦରରେ ଅଶୋଧିତ ତେଲ ଖରିଦ କରିବା ପରିବର୍ତ୍ତେ ଭାରତ ସରକାର ବୈଦେଶିକ ମୁଦ୍ରା, ଅର୍ଥାତ୍ ମାର୍କିନ ଡଲାର ବିନିମୟରେ, ଚଢ଼ା ଦରରେ ଆମେରିକାରୁ କାହିଁକି ଅଶୋଧିତ ତେଲ ଖରିଦ କରୁଛନ୍ତି ? ସମ୍ପ୍ରତି ଇରାନର ବୈଦେଶିକ ମନ୍ତ୍ରୀ ଦିଲ୍ଲୀରେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ, ଭାରତକୁ ଆବଶ୍ୟକ ପରିମାଣରେ ଅଶୋଧିତ ତେଲ ଯୋଗାଇବାକୁ ଇରାନ ପ୍ରସ୍ତୁତ । ମାତ୍ର ସରକାର, ସରକାରୀ ଦଲାଲରେ ପରିଣତ ହୋଇଥିବା କେତେକ ତଥାକଥିତ ବୁଦ୍ଧିଜୀବୀ ଓ ମୁଖ୍ୟ ଧାରାର ଗଣମାଧ୍ୟମର ଗୋଟିଏ ବଡ଼ ଅଂଶ ବିଶ୍ୱ ବଜାରରେ ଅଶୋଧିତ ତେଲର ଦରବୃଦ୍ଧି ଓ ହରମୁଜ ପ୍ରଣାଳୀ ଅବରୋଧ ଫଳରେ ଦରବୃଦ୍ଧି ସପକ୍ଷରେ ଓକିଲାତି କରୁଛନ୍ତି ।

ଋଷିଆ ଓ ଇରାନରୁ ତେଲ କିଣିବା ବିଷୟକୁ ବାଦ୍ ଦେଲେବି ବର୍ତ୍ତମାନ ବିଶ୍ୱ ବଜାର ରେ ଅଶୋଧିତ ତେଲର ଦର କମି ଚାଲିଥିଲା ବେଳେ ଭାରତରେ ପୂର୍ବରୁ ତେଲ ଦାମ ଅତ୍ୟଧିକ ଥିଲେ ମଧ୍ୟ ଦରବୃଦ୍ଧି କରାଯାଉଛି । ତା ପରେ ବି ପ୍ରଧାନ ମନ୍ତ୍ରୀ କହୁଛନ୍ତି ଡଲାର ବଂଚାଇବାକୁ ପେଟ୍ରୋଲ ଓ ଡିଜେଲ ଖର୍ଚ୍ଚ କମ କର ଆଉ ପ୍ରଧମନ୍ତ୍ରୀଙ୍କୁ ଖୁସି କରିବାକୁ ସାଇକେଲ ଚଢିବା ପ୍ରତିଯୋଗିତା ଚାଲିଛି ।

ଚଢ଼ା ଦରରେ ପେଟ୍ରୋଲ, ଡିଜେଲ ବିକ୍ରି କରି ଖାଉଟି ଶୋଷଣ ଏତିକିରେ ଶେଷ ହୋଇନାହିଁ । ସମସ୍ତ ବିରୋଧ ସତ୍ତ୍ୱେ କେନ୍ଦ୍ର ବିଜେପି ସରକାର ବର୍ତ୍ତମାନ୍ ପ୍ରତି ଲିଟର ପେଟ୍ରୋଲରେ ୨୦୦ ମିଲିଲିଟର ଇଥାନଲ ମିଶ୍ରଣ କରୁଛନ୍ତି । ଏକ ଲିଟର ଇଥାନଲର ଦାମ୍ ୫୦ ରୁ ୫୫ ଟଙ୍କା । ଅର୍ଥାତ ୫୫ ଟଙ୍କାର ଇଥନଲ କୁ ସରକାର ଖାଉଟିଙ୍କୁ ବର୍ତ୍ତମାନ ୧୦୮ ଟଙ୍କାରେ ବିକ୍ରି କରୁଛନ୍ତି । ଆଗାମୀ ଦିନରେ ଇଥାନଲ ପରିମାଣ ୩୦୦ ମିଲିଲିଟର କରାଯିବ ବୋଲି କେନ୍ଦ୍ର ପରିବହନ ମନ୍ତ୍ରୀ ଘୋଷଣା କରିଛନ୍ତି । ଆହୁରି ମଧ୍ୟ ଆମ ଦେଶରେ ଯଥେଷ୍ଟ କମ ଦରରେ ଉତ୍ପାଦିତ ହେଉଥିବା ଅଶୋଧିତ ତେଲକୁ ମଧ୍ୟ ଆମଦାନୀ ହେଉଥିବା ଦରରେ ଖାଉଟିଙ୍କୁ ବିକ୍ରି କରାଯାଉଛି । ଏହାପରେ ମଧ୍ୟ ତୈଳ ସଙ୍କଟ ଯୋଗୁ ପେଟ୍ରୋଲ, ଡିଜେଲ କମ୍ ଖର୍ଚ୍ଚ କର, ବ୍ୟାଟେରୀ ଗାଡ଼ି ଚଢ଼, ନିଜ ଗାଡ଼ିରେ ନଯାଇ ଗଲାବେଳେ ଆଉ ଦୁଇ ଚାରି ଜଣଙ୍କୁ ସାଙ୍ଗରେ ନେଇଯାଅ ଇତ୍ୟାଦି ଆହ୍ୱାନ କ'ଣ ଯୁକ୍ତିଯୁକ୍ତ ମନେ ହେଉଛି ?

ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ପାଇଁ ଅନ୍ୟ ଦେଶ ଉପରେ ନିର୍ଭରଶୀଳତା ପ୍ରସଙ୍ଗରେ ଏଠାରେ ଆମେ କେତେଟି ବିଷୟ ପାଠକ ମାନଙ୍କ ସମ୍ମୁଖରେ ଉପସ୍ଥାପନ କରିବାକୁ ଚାହୁଁ । ପ୍ରଧାନମନ୍ତ୍ରୀ ତାଙ୍କ ଆହ୍ୱାନରେ କହିଛନ୍ତି ଯେ ବର୍ତ୍ତମାନ ଦେଶରେ ଯେତିକି ପେଟ୍ରୋଲ, ଡିଜେଲ ଆବଶ୍ୟକ ତାର ଶତକଡ଼ା ୯୦ ଭାଗ ଆମଦାନୀ କରିବାକୁ ହେଉଛି । ସରକାରୀ ହିସାବ ଅନୁଯାୟୀ ୨୦୦୦ ମସିହା ବେଳକୁ ଦେଶରେ ପେଟ୍ରୋପଣ୍ୟ ଆବଶ୍ୟକତାର ଶତକଡା ୭୫ ଭାଗ ଆମଦାନୀ କରିବାକୁ ପଡୁଥିଲା ଏବଂ ବାକି ଶତକଡ଼ା ୨୫ ଭାଗ ଦେଶ ଭିତରେ ଉତ୍ପାଦନ ହେଉଥିଲା । ୧୯୫୪ ମସିହାରେ ହିଁ ନୂଆ ଖଣିଜ ତେଲର ଉତ୍ସ ଖୋଜି ବାହାର କରିବାପାଇଁ ଓଏନଜିସି (ONGC) ଭଳି ଏକ ରାଷ୍ଟ୍ରାୟତ୍ତ ସଂସ୍ଥା ପ୍ରତିଷ୍ଠା କରାଯାଇଥିଲା । ଏହା ଫଳରେ ନୂଆ ନୂଆ ତୈଳ କ୍ଷେତ୍ର ର ସନ୍ଧାନ ମିଳୁଥିଲା, କ୍ରମାଗତ ଅଶୋଧିତ ତେଲ ପାଇଁ ବିଦେଶ ବଜାର ଉପରେ ନିର୍ଭରଶୀଳତା ହ୍ରାସ ପାଉଥିଲା । ମାତ୍ର ୧୯୯୧ ମସିହାରେ ଦେଶରେ ଜଗତିକରଣ, ଘରୋଇକରଣ ନୀତି ଲାଗୁ ହେବାପରେ ତେଲର ନୂଆ ଉତ୍ସ ଖୋଜି ବାହାର କରିବା ଓ ବିଦେଶ ବଜାର ଉପରେ ପେଟ୍ରୋଲ, ଡିଜେଲ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ନିର୍ଭରଶୀଳତା କ୍ରମାଗତ ହ୍ରାସ କରିବା ନୀତିରେ ସରକାର ପରିବର୍ତ୍ତନ କଲେ । ପେଟ୍ରୋପଣ୍ୟ କ୍ଷେତ୍ରରେ ଆତ୍ମନର୍ଭର ହେବା ପରିବର୍ତ୍ତେ ତେଲ ବ୍ୟବସାୟ କରି ତେଲ କମ୍ପାନୀ ମାନଙ୍କୁ ଅଧିକରୁ ଅଧିକ ମୁନାଫା ଅର୍ଜନ ବ୍ୟବସ୍ଥା କରିବା ସରକାର ମାନଙ୍କର ପ୍ରାଥମିକତାରେ ପରିଣତ ହେଲା । ଫଳରେ ନୂଆ ତୈଳ ଉତ୍ସ ସନ୍ଧାନ ଉପରେ ଗୁରୁତ୍ୱ ହ୍ରାସ ପାଇଲା । ଏପରିକି ପୂର୍ବରୁ ଦେଶ ଭିତରେ ଯେଉଁ ପରିମାଣର ଅଶୋଧିତ ତେଲ ଉତ୍ପାଦନ ହେଉଥିଲା ତା ମଧ୍ୟ ହ୍ରାସ ପାଇଲା । ସରକାରୀ ହିସାବରୁ ହିଁ ସ୍ପଷ୍ଟ ଯେ ଗତ ୧୨ ବର୍ଷ ମଧ୍ୟରେ କେନ୍ଦ୍ରରେ ବିଜେପି ସରକାରର କାର୍ଯ୍ୟକାଳରେ ଦେଶ ମଧ୍ୟରେ ଅଶୋଧିତ ତେଲ ଉତ୍ପାଦନ ବ୍ୟାପକ ପରିମାଣରେ ହ୍ରାସ ପାଇଛି । ବମ୍ବେ ହାଇରୁ ଅଶୋଧିତ ତେଲ ଉତ୍ପାଦନ ଅଧାରୁ ଅଧିକ ହ୍ରାସ ପାଇଛି । ଉପର ଆଲୋଚନାରୁ ସ୍ପଷ୍ଟ ଯେ ଦେଶ ମଧ୍ୟରେ ଅଶୋଧିତ ତେଲ ଉତ୍ପାଦନ ହ୍ରାସ ପାଇବା ପାଇଁ ସରକାରୀ ନୀତି ଦାୟୀ । ପୁଣି ଏହାକୁ ହିଁ ଆଳ କରି ପେଟ୍ରୋଲ, ଡିଜେଲ ଖର୍ଚ୍ଚ ହ୍ରାସ କରିବା ପାଇଁ ପ୍ରଧାନ ମନ୍ତ୍ରୀଙ୍କ ଆହ୍ୱାନ ଓ ତେଲ ଦର ଲଗାତାର ବୃଦ୍ଧି କରିବା ସମ୍ପୂର୍ଣ୍ଣ ଅଯୌକ୍ତିକ ଓ ସରକାରଙ୍କର ଜନ ବିରୋଧୀ ଆଭିମୁଖ୍ୟର ପ୍ରମାଣ ବ୍ୟତୀତ ଅନ୍ୟ କିଛି ନୁହେଁ ।

### ପ୍ରଧାନମନ୍ତ୍ରୀଙ୍କ ଅନ୍ୟ କେତେକ ଆହ୍ୱାନ ପ୍ରସଙ୍ଗରେ

ବର୍ତ୍ତମାନ ଆସନ୍ତୁ ପ୍ରଧାନମନ୍ତ୍ରୀ ଦେଇଥିବା ଅନ୍ୟ କେତେଟି ଆହ୍ୱାନ ସମ୍ପର୍କରେ ଅତ୍ୟନ୍ତ ସଂକ୍ଷେପରେ ଆଲୋଚନା କରିବା । ପେଟ୍ରୋଲ , ଡିଜେଲ ବ୍ୟତୀତ ପ୍ରଧାନମନ୍ତ୍ରୀ ଆଗାମୀ ଗୋଟିଏ ବର୍ଷ ପାଇଁ ସୁନା ଖରିଦ ନକରିବାକୁ ଉପଦେଶ ଦେଇଛନ୍ତି । କେହି କେହି ମନେ କରିପାରନ୍ତି ସୁନା କିଣିବା କ'ଣ ନିହାତି ଦରକାର ? ପୁଣି ସୁନା ତ ଧନୀଲୋକ କିଣନ୍ତି । ତେଣୁ ଅନ୍ତତଃ ପ୍ରଧାନମନ୍ତ୍ରୀଙ୍କ ଏଇ ଉପଦେଶଟି ଗ୍ରହଣ କରିବା ଉଚିତ୍ । ତେବେ ଏକଥା ସମସ୍ତେ ଜାଣନ୍ତି ଯେ ଗତ ୧୦ ବର୍ଷ ମଧ୍ୟରେ ସୁନା ଦାମ୍ ପ୍ରକୃତରେ ଆକାଶଛୁଆଁ ହୋଇଛି । ଯାହାଫଳରେ ସାଧାରଣ ମଧ୍ୟବିତ୍ତ ନିମ୍ନମଧ୍ୟବିତ୍ତ ଲୋକ ବିଭିନ୍ନ ସାମାଜିକ ଓ ପାରିବାରିକ ଅନୁଷ୍ଠାନ, ବିବାହ ଇତ୍ୟାଦି ସମୟରେ ସାମାଜିକ ଚଳଣି ଅନୁଯାୟୀ ସୁନା ଟିକେ

*(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)*

## ବୈଦେଶିକ ମୁଦ୍ରା . . .

(୬ଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ)

କିଣିବାପାଇଁ ଅକ୍ଷମ ହେଉଛନ୍ତି। ପୁଣି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେବାର ଦୁଇ ଦିନ ପରେ କେନ୍ଦ୍ର ସରକାର ସୁନା ଉପରେ ଶତକଡ଼ା ୧୫ ଭାଗ ଆମଦାନୀ ଶୁଳ୍କ ଲଗୁକରିଛନ୍ତି। ଫଳରେ ୧୦ ଗ୍ରାମ ସୁନାର ଦର ଦେଢ଼ ଲକ୍ଷରୁ ଅଧିକ ଟଙ୍କା ହୋଇଛି। ଏହା ଫଳରେ ସାଧାରଣ ମଧ୍ୟବିତ୍ତ, ନିମ୍ନ ମଧ୍ୟବିତ୍ତ ଲୋକଙ୍କ ପାଇଁ ସୁନା ଟିକିଏ କିଣିବା ସ୍ୱପ୍ନରେ ପରିଣତ ହୋଇଛି। ତେବେ ପ୍ରଧାନମନ୍ତ୍ରୀ ସୁନା ନ କିଣିବା ପାଇଁ ଆହ୍ୱାନ ଦେଲାବେଳେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ଭୁଲି ଯାଇଛନ୍ତି। ସେ ଭୁଲିଯାଇଛନ୍ତି ଯେ ସୁନା କାରବାର, ବିଶେଷକରି ସୁନା ଗହଣା ତିଆରି କାମରେ ଦେଶରେ ପ୍ରାୟ ୫୦ ଲକ୍ଷ ଲୋକ ନିୟୋଜିତ ରହିଛନ୍ତି। ଏହି କାମରୁ ସେମାନେ ଗୁଜୁରାଣ ମେଣ୍ଟାନ୍ତି। ଗୋଟିଏ ବର୍ଷପାଇଁ ଯଦି ପ୍ରକୃତରେ ସୁନା କିଣାବିକା ବନ୍ଦ ହୁଏ ତେବେ ଏଇ ୫୦ ଲକ୍ଷ ଲୋକଙ୍କର କଣ ହେବ? ସେମାନଙ୍କ ପରିବାର କିଭଳି ପ୍ରତିପୋଷଣ ହେବେ?

ପ୍ରଧାନମନ୍ତ୍ରୀଙ୍କର ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଉପଦେଶ ହେଉଛି ରାସାୟନିକ ସାର ବଦଳରେ ଜୈବିକ ସାର ବ୍ୟବହାର କରିବା। ତାଙ୍କର ପାରମ୍ପରିକ ଶୈଳୀରେ ରାସାୟନିକ ସାରର ବ୍ୟବହାର 'ମା ଭାରତୀ'ଙ୍କୁ, ଅର୍ଥାତ୍ ଧରଣୀ ମାତାଙ୍କୁ କଷ୍ଟ ଦେଉଛି ତେଣୁ ବର୍ଜନୀୟ ବୋଲି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ତେବେ ଏକଥା ସମସ୍ତେ ଜାଣନ୍ତି, ବିଶେଷକରି ଯେଉଁ ମାନଙ୍କର ଚାଷ ବାସ ସହିତ ସମ୍ପର୍କ ରହିଛି ସେମାନେ ଜାଣନ୍ତି ଯେ ଜୈବିକ ସାର ବ୍ୟବହାର କରି ଚାଷ ବର୍ତ୍ତମାନ ଆଉ ସମ୍ଭବ ନୁହେଁ। ବିଗତ ଶତାବ୍ଦୀର ସତୁରୀ ଦଶକରେ ଆମ ଦେଶରେ ପ୍ରଚଳିତ ସବୁଜ ବିପ୍ଳବ (Green Revolution) ଓ ପରବର୍ତ୍ତୀ ସମୟରେ କ୍ଷମତାସୀନ ହୋଇଥିବା ବିଜେପି ସମେତ ଅନ୍ୟାନ୍ୟ ଦଳର କେନ୍ଦ୍ର ଓ ରାଜ୍ୟ ସରକାର ମାନେ ଅନୁସରଣ କରିଥିବା କୃଷି ନୀତି ଯୋଗୁ ଆଜି ଦିନରେ ଚାଷ ସମ୍ପୂର୍ଣ୍ଣ ଭାବରେ ଦେଶୀ ବିଦେଶୀ ଏକଚାଟିଆ କର୍ପୋରେଟମାନଙ୍କ ନିୟନ୍ତ୍ରଣକୁ ଚାଲିଯାଇଛି। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ପରିଚାଳିତ କେନ୍ଦ୍ର ସରକାର ମଧ୍ୟ ସମଗ୍ର କୃଷି କ୍ଷେତ୍ର ଉପରେ କର୍ପୋରେଟମାନଙ୍କ ନିୟନ୍ତ୍ରଣକୁ ଆହୁରି ମଜଭୁତ୍ କରିବାପାଇଁ ଗୋଟିଏ ପରେ ଗୋଟିଏ ପଦକ୍ଷେପ ଗ୍ରହଣ କରିଚାଲିଛନ୍ତି। ଏହି ପ୍ରକ୍ରିୟାରେ ପାରମ୍ପରିକ ବିହନ ବିଲୁପ୍ତ ହୋଇ ଯାଇଛି। ଯେକୌଣସି ଚାଷ ପାଇଁ ଚାଷୀକୁ ବିହନ କିଣିବାକୁ ହେଉଛି ଏବଂ ବିନା ରାସାୟନିକ ସାରରେ ଏହି ବିହନରୁ ଫସଲ ଫଳିବା ସମ୍ଭବ ନୁହେଁ। ପୁଣି ବ୍ୟାପକ ଅର୍ଥରେ ବିହନ କହିଲେ ଯାହା ବୁଝାଏ ସେ ସବୁକୁ ଦେଶୀ ବିଦେଶୀ ଏକଚାଟିଆ କୃଷି କର୍ପୋରେଟମାନଙ୍କ ନିୟନ୍ତ୍ରଣକୁ ଆଣିବା ଉଦ୍ଦେଶ୍ୟରେ ମାରାତ୍ମକ ମଞ୍ଜି ଆଇନ ପ୍ରଣୟନ ପାଇଁ କେନ୍ଦ୍ର ବିଜେପି ସରକାର ଉଦ୍ୟମ କରୁଛି। ଚାଷୀ ସଂଗଠନ ମାନଙ୍କ ବିରୋଧ ସତ୍ତ୍ୱେ କେନ୍ଦ୍ର ବିଜେପି ସରକାର ଆମେରିକା ସହିତ କରିବାକୁ ଯାଉଥିବା ବାଣିଜ୍ୟ ଚୁକ୍ତିରେ ଅନେକ କୃଷିଜାତ ଦ୍ରବ୍ୟ ଓ ଫଳ ଆମେରିକାରୁ ଆମଦାନୀ କରିବା ପାଇଁ ସମ୍ମତ ହୋଇଛନ୍ତି ବୋଲି ସମ୍ବାଦ ପ୍ରଚାରିତ ହେଉଛି। ଏହି ଭଳି ପରିସ୍ଥିତିରେ 'ମା ଭାରତୀ'ଙ୍କୁ କଷ୍ଟରୁ ମୁକ୍ତି ଦେବାପାଇଁ ରାସାୟନିକ ସାର ବ୍ୟବହାର ଶତକଡ଼ା ୫୦ ଭାଗ ହ୍ରାସ କରିବାପାଇଁ ଆବେଗଭରା ଆହ୍ୱାନ ଦେଇ ହୁଏତ ପ୍ରଧାନମନ୍ତ୍ରୀ ସଭାରେ ହାତତାଳି ପାଇପାରନ୍ତି କିନ୍ତୁ ଏହି ଉପଦେଶ କାର୍ଯ୍ୟକାରୀ କରିବାକୁ ଗଲେ ଦେଶର ଆହୁରି ଲକ୍ଷ ଲକ୍ଷ ଚାଷୀଙ୍କ ନିକଟରେ ଆତ୍ମହତ୍ୟା କରିବା ବ୍ୟତୀତ ଅନ୍ୟ କୌଣସି ଉପାୟ ରହିବ ନାହିଁ। କାରଣ ଆଜି ଦିନରେ ରାସାୟନିକ ସାର ଓ ପୋକମରା ଔଷଧ ପ୍ରୟୋଗ ବିନା ଚାଷ ସମ୍ଭବ ନୁହେଁ। ଯୁଦ୍ଧ ଆଳରେ ଯଦି ପ୍ରକୃତରେ ସାର ଯୋଗାଣ ହ୍ରାସ ପାଏ କିମ୍ବା ସାରର ଅଭାବ ଫଳରେ ଦରବୃଦ୍ଧି ହୁଏ ତେବେ ଚାଷୀ ପକ୍ଷରେ ଚାଷ ହିଁ କରିବା ସମ୍ଭବ ହେବନାହିଁ। ଚାଷ ନକଲେ ଚାଷୀ କରିବ କ'ଣ? ତାର ପରିବାର ଚଳିବ କେମିତି? ତାର ଗୁଜୁରାଣ ମେଣ୍ଟିବ କେମିତି? ଆହ୍ୱାନ ଦେଲାବେଳେ କ'ଣ ପ୍ରଧାନମନ୍ତ୍ରୀ ଏସବୁ ଦିଗ ବିଷୟରେ ଚିନ୍ତା କରିଛନ୍ତି?

ପ୍ରଧାନମନ୍ତ୍ରୀଙ୍କ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସୁପାରିସ ହେଉଛି ଖାଇବା ତେଲ ବ୍ୟବହାର କମ୍ କରିବା। ଦେଶର ଶତକଡ଼ା କେତେଭାଗ ଲୋକଙ୍କ ପାଇଁ ବିଦେଶରୁ ଆମଦାନୀ ହେଉଥିବା ଖାଇବା ତେଲ ବ୍ୟବହାର ସୌଭାଗ୍ୟ ଉପଲବ୍ଧ ସେକଥା ପ୍ରଧାନମନ୍ତ୍ରୀ ମହୋଦୟ ଜାଣନ୍ତି କି? ଦେଶର ସିଂହଭାଗ ଲୋକ ବିନା ତେଲ କିମ୍ବା ସ୍ଥାନୀୟ ଭାବରେ ଉପଲବ୍ଧ ତେଲହିଁ ବ୍ୟବହାର କରନ୍ତି। ହୋଟେଲ, ରେଷ୍ଟୁରାଣ୍ଟ, ଧନୀକ ଶ୍ରେଣୀ ଓ ମଧ୍ୟବିତ୍ତ ମାନଙ୍କ ବ୍ୟବହାର ପାଇଁ ଆମଦାନୀ କରାଯାଉଥିବା ପାମ, ସୋୟାବିନ ଓ ସୂର୍ଯ୍ୟମୁଖୀ ତେଲ ମଧ୍ୟରୁ ଦେଶର ସରକାର ମାନେ ଉପଯୁକ୍ତ ଦୀର୍ଘସ୍ଥାୟୀ ପରିକଳ୍ପନା ଗ୍ରହଣ କଲେ ସୋୟାବିନ ଓ ସୂର୍ଯ୍ୟମୁଖୀ ତେଲ ଉତ୍ପାଦନରେ ଦେଶ ଖୁବ୍ ଶୀଘ୍ର ସ୍ୱାବଲମ୍ବୀ ହୋଇପାରିବ। ମାତ୍ର ଏକଚାଟିଆ ପୁଞ୍ଜିପତି ମାନଙ୍କ ସ୍ୱାର୍ଥରେ ସରକାର ପେଟ୍ରୋଲ, ଡିଜେଲ ଭଳି ଏସବୁ ତେଲ ପାଇଁ ବିଦେଶ ବଜାର ଉପରେ ନିର୍ଭର କରିବାକୁ ଅଧିକ ଉପଯୋଗୀ ମନେକରୁଛନ୍ତି। ପାମ ତେଲ ମୁଖ୍ୟତଃ ଇଣ୍ଡୋନେସିଆ ଓ ମାଲେସିଆରୁ ଆମଦାନୀ କରାଯାଉଥିବାରୁ ଯୁଦ୍ଧ ସହିତ ତାର କୌଣସି ସମ୍ପର୍କ ନାହିଁ।

ପ୍ରଧାନମନ୍ତ୍ରୀଙ୍କର ଆଉ ଗୋଟିଏ ଆହ୍ୱାନ ହେଉଛି ଘରେ ବସି କାମ କର। ମାତ୍ର ଆଇଟି କ୍ଷେତ୍ରରେ ଦେଖାଦେଇଥିବା ସଂକଟ ଓ ବ୍ୟାପକ ଛଟେଇ ବିଷୟରେ ପ୍ରଧାନମନ୍ତ୍ରୀ କ'ଣ ଅବଗତ ନୁହଁନ୍ତି? ବିଭିନ୍ନ ସରକାରୀ, ବେସରକାରୀ ସଂସ୍ଥା ଓ କଳ କାରଖାନାରେ ଠିକାରେ କାମ କରୁଥିବା କର୍ମଚାରୀ ଓ ଶ୍ରମିକ କ'ଣ ଘରେ ବସି କାମ କରିବେ?

### ବର୍ତ୍ତମାନର ସଙ୍କଟ କଣ ପ୍ରକୃତରେ ଯୁଦ୍ଧ ପାଇଁ?

ପୂର୍ବରୁ ଉଲ୍ଲେଖ କରାଯାଇଛି, ପ୍ରଥମେ ଋଷିଆ - ୟୁକ୍ରେନ ଯୁଦ୍ଧ ଓ ତା ପରେ ଆମେରିକା - ଇରାନ ଯୁଦ୍ଧ ପରିସ୍ଥିତିରେ ବୈଦେଶିକ ମୁଦ୍ରା ସଂଚୟ ପାଇଁ ଆମଦାନୀ ନିର୍ଭର ସାମଗ୍ରୀ ବ୍ୟବହାର ହ୍ରାସ ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ତେବେ ପ୍ରଶ୍ନ ଉଠୁଛି, ପ୍ରକୃତରେ କଣ ଯୁଦ୍ଧ ପାଇଁ ଏହି ସଙ୍କଟ ସୃଷ୍ଟି ହୋଇଛି? ଯୁଦ୍ଧ ନହୋଇଥିଲେ କଣ ଏହି ସଙ୍କଟ ଦେଖା ଦେଇ ନଥାନ୍ତା ? ଯୁଦ୍ଧ ହୋଇନଥିଲେ କଣ ବୈଦେଶିକ ମୁଦ୍ରା ସଙ୍କଟ ଦେଖାଦେଇ ନଥାନ୍ତା?

ଏହାର ସ୍ପଷ୍ଟ ଓ ସଂକ୍ଷିପ୍ତ ଉତ୍ତର ହେଉଛି ଦେଶର ଅର୍ଥନୀତି ଗଭୀର ସଙ୍କଟରେ ନିମଗ୍ନ ଏବଂ ଏହା ଖୁବ୍ ଶୀଘ୍ର ଅତ୍ୟନ୍ତ ବିସ୍ଫୋରକ ରୂପ ଧାରଣ କରିପାରେ। ଏକଥା କେବଳ ଆମେ କହୁନାହୁଁ, ଦୁଇ ତିନି ବର୍ଷ ପୂର୍ବରୁ କେନ୍ଦ୍ର ବିଜେପି ସରକାରର ଦୃଢ଼ ସମର୍ଥକ କେତେକ ଅର୍ଥନୀତିବିତ୍ ମଧ୍ୟ ଏହିଭଳି ସମ୍ଭାବନା ସମ୍ପର୍କରେ ଜୋର୍ ଦେଇ ଲେଖିବା ଓ କହିବା ଆରମ୍ଭ କରିଛନ୍ତି। ବୈଦେଶିକ ମୁଦ୍ରା ସଙ୍କଟ ଆଜି ସୃଷ୍ଟି ହୋଇନାହିଁ। ୨୦୧୬ ମସିହାରେ କେନ୍ଦ୍ର ବିଜେପି ସରକାର କରିଥିବା ବିମୁଦ୍ରିକରଣ ସମୟରୁ ହିଁ ଆର୍ଥିକ ସଙ୍କଟ ତ୍ୱରାନ୍ୱିତ ହେବା ପ୍ରକ୍ରିୟା ଆରମ୍ଭ ହେଇଥିଲା। ବିମୁଦ୍ରିକରଣ ଫଳରେ ଲକ୍ଷ ଲକ୍ଷ କ୍ଷୁଦ୍ର ଓ ମଧ୍ୟମ ଧରଣର କଳ କାରଖାନା ବନ୍ଦ ହେବା ଫଳରେ କୋଟି କୋଟି ଲୋକ କାମ ହରାଇଲେ। ସ୍ୱାଧୀନ ଭାବରେ ଗବେଷଣା କରୁଥିବା ବହୁ ସଂସ୍ଥାର ପରିସଂଖ୍ୟାନ ଅନୁଯାୟୀ ପରବର୍ତ୍ତୀ ସମୟରେ ବନ୍ଦ ହୋଇଥିବା ୭୦ ଭାଗରୁ ଅଧିକ କାରଖାନା ଆଉ ଖୋଲିଲା ନାହିଁ। ଫଳରେ କାମ ହରେଇ ଥିବା ଲୋକଙ୍କ ମଧ୍ୟରୁ ପ୍ରାୟ ୭୦ ଭାଗ ଲୋକ କାମକୁ ଫେରିପାରିଲେ ନାହିଁ। ଦେଶର ଅର୍ଥନୀତି ଉପରେ ଏହାର ମାରାତ୍ମକ ପ୍ରଭାବ ପଡ଼ିଲା। ସାଧାରଣ ଲୋକଙ୍କ କ୍ରୟ କ୍ଷମତା ଆହୁରି ମାରାତ୍ମକ ଭାବରେ ହ୍ରାସ ପାଇଲା। ଅନ୍ୟ ଭାଷାରେ କହିଲେ ଗୋଟିଏ ଧକ୍କାରେ କୋଟି କୋଟି ଲୋକ କାମ ହରାଇବାରୁ ସାମଗ୍ରୀକ ଭାବରେ ବଜାରରେ ତୀବ୍ର ମାନ୍ଦା ଅବସ୍ଥା ଦେଖାଦେଲା। ଏପରିକି ବିସ୍କୁଟ, ବାରମଜା, ଦେହରେ ଲଗେଇବା ସାବୁନ ବିକ୍ରି ମଧ୍ୟ ହ୍ରାସ ପାଇଲା। ଏହାର ଠିକ୍ ୯ ମାସ ପରେ କେନ୍ଦ୍ର ବିଜେପି ସରକାର ଜିଏସଟି ଲାଗୁ କଲା। ଏହା ଫଳରେ ବିମୁଦ୍ରିକରଣ ଯୋଗୁ ସଙ୍କଟଗ୍ରସ୍ତ ଅର୍ଥନୀତି ଆହୁରି ଗଭୀର ସଙ୍କଟ ମଧ୍ୟରେ ନିମଜ୍ଜିତ ହେଲା। ଗତ ୮-୯ ବର୍ଷ ଧରି ଏହି ସଂକଟ ଦିନକୁ ଦିନ ଗଭୀର ହେଉଛି।

ଗୋଟିଏ ଦିଗରେ ବେକାରୀ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି, ଯେଉଁ ମାନେ କିଛି କାମରେ ନିଯୁକ୍ତ ରହିଛନ୍ତି ସେମାନଙ୍କ ପାରିଶ୍ରମିକ ବଢୁ ନାହିଁ। ଖୁବ୍ ସୀମିତ ଓ ଆବଶ୍ୟକତା ଠାରୁ ଯଥେଷ୍ଟ କମ ହେଲେବି ପୂର୍ବରୁ ଶ୍ରମିକ ମାନଙ୍କୁ ମିଳୁଥିବା ସୁବିଧା ସୁଯୋଗ ଓ ଆଇନଗତ ଅଧିକାର ଗୋଟିଏ ପରେ ଗୋଟିଏ ସରକାର ଅପହରଣ କରି ଶେଷରେ ଚାରିଟି ଶ୍ରମ କୋଡ ପ୍ରଚଳନ କରି ସମଗ୍ର ଦେଶର ଶ୍ରମିକ ମାନଙ୍କୁ କାର୍ଯ୍ୟତଃ ମାଲିକ୍ ମାନଙ୍କ କ୍ରୀତଦାସରେ ପରିଣତ କରିଛନ୍ତି। ସ୍ଥାୟୀ କାମ କାର୍ଯ୍ୟତଃ ଉଚ୍ଛେଦ ହୋଇ ଠିକା ଓ ସାମୟିକ କାମ କିମ୍ବା ଆଉଟସୋର୍ସିଂ, ଗିଗ୍ ଓ ପ୍ଲାଟଫର୍ମ ଶ୍ରମିକ ନିଯୁକ୍ତି ହିଁ ବାସ୍ତବତାରେ ପରିଣତ ହୋଇଛି। ଏହା ଫଳରେ ଲୋକଙ୍କ କ୍ରୟ ଶକ୍ତି ଆହୁରି ହ୍ରାସ ପାଇଛି, ବଜାର ସଙ୍କଟ ଆହୁରି ତୀବ୍ର ହୋଇଛି।

ଏହିଭଳି ତୀବ୍ର ବଜାର ସଙ୍କଟ ଫଳରେ ଦେଶୀ - ବିଦେଶୀ ଏକଚାଟିଆ ଲଗ୍ନି ପୁଞ୍ଜି ଦେଶ ବାହାରକୁ ଯିବା ଆରମ୍ଭ ହେଲା। ସରକାର ବିଦେଶୀ ପୁଞ୍ଜି ଆକର୍ଷଣ କରିବା ପାଇଁ ଦେଶ ବିଦେଶରେ ଯେତେ କନକ୍ଲେଭ କଲେମଧ୍ୟ ଗତ ଦୁଇ ବର୍ଷ ମଧ୍ୟରେ ବିଦେଶୀ ପୁଞ୍ଜି ବିନିଯୋଗ ଦୂରରକଥା ପ୍ରତିଦିନ ହଜାର ହଜାର କୋଟି ଡଲାର ପୁଞ୍ଜି ଦେଶରୁ ପଳାୟନ କରୁଛି। ଏପରିକି ଦେଶୀ ଏକଚାଟିଆ ପୁଞ୍ଜିପତି ମାନେ ମଧ୍ୟ ଅନ୍ୟ ଦେଶରେ ଅଧିକରୁ ଅଧିକ ପୁଞ୍ଜି ବିନିଯୋଗ କରୁଛନ୍ତି। ଫଳରେ ବୈଦେଶିକ ମୁଦ୍ରାର ଭଣ୍ଡାରରେ ସଙ୍କଟ ଦେଖା ଦେଇଛି।

ଏହା ସହିତ ମିଳିତ ହୋଇଛି ଭାରତୀୟ ଟଙ୍କାର ଅବମୂଲ୍ୟାୟନ। ଉପା ସରକାରର ଶାସନ କାଳରେ ଗୋଟିଏ ମାର୍କିନ ଡଲାର ୬୦ ଟଙ୍କା ଛୁଇଁଲା ବେଳେ ଗଲା ଗଲା ବୋଲି ହୁରି ପକାଉଥିବା ସେତେବେଳର ଗୁଜୁରାଟ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅନ୍ୟ ବିଜେପି ନେତାମାନେ ବର୍ତ୍ତମାନ ଗୋଟିଏ ମାର୍କିନ ଡଲାର ୯୬ ଟଙ୍କା ପାର କରିଥିଲା ବେଳେ ନୀରବ। ଏଠାରେ ବିଶଦ ଆଲୋଚନାର ସୁଯୋଗ ନଥିଲେ ମଧ୍ୟ ଏତିକି ଉଲ୍ଲେଖଯୋଗ୍ୟ ଯେ ଭାରତୀୟ ଟଙ୍କାର ଦ୍ରୁତ ଅବମୂଲ୍ୟାୟନ ଦେଶର ଗୁରୁତର ଆର୍ଥିକ ସଙ୍କଟର ପରିଣାମ। ପୁଣି ଏହି ଅବମୂଲ୍ୟାୟନ ଅର୍ଥନୀତିର ସଙ୍କଟକୁ ଆହୁରି ଗଭୀର ଓ ଗୁରୁତର କରୁଛି। ଡଲାର ତୁଳନାରେ ଟଙ୍କାର ଅବମୂଲ୍ୟାୟନ୍ ଅଧିକରୁ ଅଧିକ ହେଉଥିବାରୁ ଆମଦାନୀ ପାଇଁ ଅଧିକରୁ ଅଧିକ ଡ଼ଲାର ଖର୍ଚ୍ଚ କରିବାକୁ ହେଉଛି। ପୁଣି ଦେଶର ବାଣିଜ୍ୟିକ ନିଅଣ୍ଟ (trade deficit) ବୃଦ୍ଧି ପାଉଛି, ଅର୍ଥାତ୍ ଦେଶରୁ ହେଉଥିବା ମୋଟ ରପ୍ତାନୀ ଓ ଆମଦାନୀ ମଧ୍ୟରେ ବ୍ୟବଧାନ କ୍ରମାଗତ ବଢ଼ି ଚାଲିଛି। ରପ୍ତାନୀ ତୁଳନାରେ ଆମଦାନୀ ବଢ଼ି ଚାଲିଛି। ହ୍ରାସ ପାଉଥିବା ରପ୍ତାନୀ ଓ ବଢ଼ିଚାଲିଥିବା ଆମଦାନୀ ମଧ୍ୟ ଦେଶର ଆର୍ଥିକ ସଙ୍କଟରୁ ସୃଷ୍ଟି ହେଉଛି ପୁଣି ଏହି ସଙ୍କଟକୁ ଆହୁରି ଗଭୀର କରୁଛି। ଏହି ବାଣିଜ୍ୟିକ ନିଅଣ୍ଟ ଫଳରେ ମଧ୍ୟ ବୈଦେଶିକ ମୁଦ୍ରା ଭଣ୍ଡାର ହ୍ରାସ ପାଉଛି। ଟଙ୍କାର ଅବମୂଲ୍ୟାୟନ ରୋକିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଗତ ତିନିବର୍ଷ ଧରି ଲଗାତାର ଡ଼ଲାର ବିକ୍ରି କରିବା ଫଳରେ ବୈଦେଶିକ ମୁଦ୍ରା ଭଣ୍ଡାର ଆହୁରି ହ୍ରାସ ପାଇଛି। ଏହି ପରିସ୍ଥିତିରେ ହିଁ ପ୍ରଧାନମନ୍ତ୍ରୀ ବୈଦେଶିକ ମୁଦ୍ରା ସଂଚୟ ପାଇଁ ଆହ୍ୱାନ ଦେଇଛନ୍ତି।

ଉପର ଆଲୋଚନାରୁ ସ୍ପଷ୍ଟ ହେଉଛି ଯେ ଯୁଦ୍ଧ ଫଳରେ ସଙ୍କଟ ସୃଷ୍ଟି ହୋଇନାହିଁ। ଯୁଦ୍ଧର ଯଥେଷ୍ଟ ପୂର୍ବରୁ ସଂକଟ ଗୁରୁତର ହୋଇଥିଲା। ଗୋଟିଏ ଦିଗରେ ଏହି ସଙ୍କଟ ହେଉଛି ପୁଞ୍ଜିବାଦର ଅନ୍ତର୍ନିହିତ ଓ ଅବଶ୍ୟମ୍ଭାବୀ ସଙ୍କଟ। ଉନ୍ନତ, ଅନୁନ୍ନତ, ବିକଶିତ ପଛୁଆ ନିର୍ବିଶେଷରେ ସମଗ୍ର ପୁଞ୍ଜିବାଦୀ ସାମ୍ରାଜ୍ୟବାଦୀ ଦୁନିଆ ଏହି ସଙ୍କଟର କବଳରେ ପଡ଼ିଛି। ତେବେ ଆମ ଦେଶରେ ଗତ ୧୨ ବର୍ଷ ଧରି ଲଗାତାର ଭାବରେ କ୍ଷମତାରେ ରହିଥିବା କେନ୍ଦ୍ର ବିଜେପି ସରକାର ଦେଶୀ ବିଦେଶୀ ଏକଚାଟିଆ ପୁଞ୍ଜିପତି ଶ୍ରେଣୀର ସ୍ୱାର୍ଥ ରକ୍ଷା କରିବାପାଇଁ ଗ୍ରହଣ କରିଥିବା କେତେକ ଅତ୍ୟନ୍ତ ଜନବିରୋଧୀ ପଦକ୍ଷେପ ପରିସ୍ଥିତିକୁ ଆହୁରି ଗମ୍ଭୀର କରିଛି। ଏହି ପରିସ୍ଥିତିରେ ପ୍ରଧାନମନ୍ତ୍ରୀ ମୋଦୀ ଜନ ସାଧାରଣଙ୍କୁ ବିଭ୍ରାନ୍ତ କରିବା ଉଦ୍ଦେଶ୍ୟରେ ଏହାକୁ ଦେଶ ପ୍ରେମ ସହିତ ଯୁକ୍ତ କରିବାପାଇଁ ଉଦ୍ୟମ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କର ଏହି ଧରଣର ଆହ୍ୱାନ କେବଳ ବିଭ୍ରାନ୍ତିକର ଓ ନିନ୍ଦନୀୟ ନୁହେଁ ବରଂ ଅତ୍ୟନ୍ତ ଜନ ବିରୋଧୀ।

★★★

Regd.No-ORI ORI/2011/37220 • VOL. NO. 13, ISSUE NO. 27 • ମୂଲ୍ୟ-୫ଟଙ୍କା

# ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନର ରାଜ୍ୟ ସ୍ତରୀୟ ଶିକ୍ଷା ଶିବିର ଉଦଯାପିତ






ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ (ଏଆଇଏମ୍ଏସ୍ଏସ୍) ଓଡ଼ିଶା ରାଜ୍ୟ କମିଟି ଆନୁକୂଲ୍ୟରେ ଗତ ମଇ ୩୦,୩୧ ଓ ଜୁନ ୧ ରେ ରାଉରକେଲା ଠାରେ ସଙ୍ଗଠନର ନିୟମିତ ଓ ଅନିୟମିତ କର୍ମୀ ମାନଙ୍କୁ ନେଇ ଏକ ଶିକ୍ଷା ଶିବିର ଉଦଯାପିତ ହୋଇଯାଇଛି। କ୍ରମବର୍ଦ୍ଧିଷ୍ଣୁ ନାରୀ ନିର୍ଯ୍ୟାତନା-ଧର୍ଷଣ-ଗଣଧର୍ଷଣ ଓ ହତ୍ୟା ବନ୍ଦ, ମଦ-ମାଦକଦ୍ରବ୍ୟକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା, ଇଣ୍ଟରନେଟ ସମେତ ସମସ୍ତ ଗଣମାଧ୍ୟମରେ ଅଶ୍ଳୀଳତା-ନଗ୍ନତା-ଅପସଂସ୍କୃତିର ପ୍ରସାର ବନ୍ଦ କରିବା, ନାରୀ ଓ ଶିଶୁଙ୍କ ନିରାପତ୍ତା ସୁନିଶ୍ଚିତ କରିବା, ସ୍କିମ୍ ଶ୍ରମିକ ମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ ଆଦି ଦାବୀରେ ଆଗାମୀ ଡିସେମ୍ବର ୧୩,୧୪ ଓ ୧୫ ରେ ଭୁବନେଶ୍ୱର ଠାରେ ହେବାକୁ ଥିବା ୫ମ ସର୍ବଭାରତୀୟ ମହିଳା ସମ୍ମିଳନୀକୁ ସର୍ବାନ୍ତକରଣରେ ସଫଳ କରିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି ଶିବିରକୁ ସଙ୍ଗଠନର ସର୍ବଭାରତୀୟ ସଭାପତି କମ୍ରେଡ୍ କେୟା ଦେ, ଉପସଭାପତି ସୁଜାତା ବାନାର୍ଜୀ ଓ ସାଧାରଣ ସମ୍ପାଦିକା ଛବି ମହାନ୍ତି ପରିଚାଳନା କରିଥିଲେ। ସଙ୍ଗଠନର ଅନୁରୋଧ କ୍ରମେ ଉକ୍ତ ଶିବିରରେ ଏସ୍ୟୁସିଆଇ(କମ୍ୟୁନିଷ୍ଟ) କେନ୍ଦ୍ରୀୟ କମିଟି ସଦସ୍ୟ ତଥା ଓଡ଼ିଶା ରାଜ୍ୟ କମିଟି ସମ୍ପାଦକ କମ୍ରେଡ ଶଙ୍କର ଦାଶଗୁପ୍ତ ଅନ୍ତିମ ଦିବସରେ ଯୋଗ ଦେଇ ସାମ୍ପ୍ରତିକ ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ପରିସ୍ଥିତି ସମ୍ପର୍କରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ଏହିଭଳି ଭୟାବହ ପରିସ୍ଥିତିରେ ଏଆଇଏମ୍ଏସ୍ଏସ୍‌ର ସଙ୍ଗଠକ ଓ କର୍ମୀମାନଙ୍କ ଭୂମିକା ସମ୍ପର୍କରେ ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ ଆଲୋଚନା କରିଥିଲେ।

ଉକ୍ତ ଶିବିର ପାଇଁ ଅଂଶ ଗ୍ରହଣକାରୀମାନେ କମ୍ରେଡ ଶିବଦାସ ଘୋଷଙ୍କ 'ନାରୀ ମୁକ୍ତି କେଉଁ ପଥେ', କମ୍ରେଡ ତାପସ ଦତ୍ତଙ୍କ 'ନାରୀ ମୁକ୍ତି ବିନା ପୁରୁଷର ମୁକ୍ତି ଅସମ୍ଭବ' ଏବଂ କମ୍ରେଡ ପ୍ରଭାସ ଘୋଷଙ୍କ 'ମହିଳା ସଙ୍ଗଠକ ମାନଙ୍କ କର୍ମ ପଦ୍ଧତି ' ବହି ତିନିଟି ଉପରେ ପଢ଼ା ଚର୍ଚ୍ଚା କରି ପ୍ରଶ୍ନ ସହ ଯୋଗଦେଇଥିଲେ। ଉକ୍ତ ପ୍ରଶ୍ନାବଳୀ ଉପରେ ସଙ୍ଗଠନର ରାଜ୍ୟ କମିଟି ସଦସ୍ୟ ଓ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟମାନେ ଆଲୋଚନା କରିବା ପରେ ସର୍ବଭାରତୀୟ ନେତ୍ରୀମାନେ ଆଲୋଚନା କରିଥିଲେ।

କାର୍ଯ୍ୟକ୍ରମର ପ୍ରାରମ୍ଭରେ ସଙ୍ଗଠନର ପତାକା ଉତ୍ତୋଳନ, ଭାରତବର୍ଷରେ ନାରୀ ମୁକ୍ତି ଆନ୍ଦୋଳନର ପଥ ପ୍ରଦର୍ଶକ,ଏ ଯୁଗର ବିଶିଷ୍ଟ ମାର୍କ୍ସବାଦୀ ଦାର୍ଶନିକ କମ୍ରେଡ ଶିବଦାସ ଘୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଏବଂ ତାଙ୍କ ଉପରେ ରଚିତ ସଙ୍ଗୀତ ଗାନ କରାଯାଇଥିଲା। ଆରମ୍ଭରେ ଶିକ୍ଷା ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ ରାଜ୍ୟ ସଭାନେତ୍ରୀ କମ୍ରେଡ୍ ସ୍ୱୟଂପ୍ରଭା ନାୟକ ଏବଂ ଶେଷରେ ଆଗାମୀ ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ ରାଜ୍ୟ ସମ୍ପାଦିକା କମ୍ରେଡ୍ ସରୋଜିନୀ ନାୟକ। ଏହି ଅବସରରେ ପ୍ରଗତିଶୀଳ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯାଇଥିଲା।

ଏହାବ୍ୟତୀତ ଉକ୍ତ ଶିବିରରେ ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରାଉରକେଲା ସହରର ବିଶିଷ୍ଟ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ଉତ୍ତମ ଚରଣ ଜେନା ଯୋଗଦେଇ ଉପାଦେୟ ପରାମର୍ଶ ଦେଇଥିଲେ। ନାରୀ ସୁରକ୍ଷା କମିଟି, ରାଉରକେଲା ଶାଖାର ବରିଷ୍ଠ ସଦସ୍ୟ ମାନଙ୍କ ଉପସ୍ଥିତି ମହିଳା କର୍ମୀମାନଙ୍କୁ ଉତ୍ସାହିତ କରିଥିଲା।

★★★

# ସୋର ରେଳ ଷ୍ଟେସନରେ କିଶୋର କିଶୋରୀ ମାନଙ୍କ ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ଏସ୍ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ପୋଲିସ ଡିଜିଙ୍କୁ ସ୍ମାରକ ପତ୍ର




ଏସ୍ୟୁସିଆଇ(କମ୍ୟୁନିଷ୍ଟ) ଉଦ୍ୟୋଗରେ ଅନୁଗୁଳ ଠାରେ ଅନୁଷ୍ଠିତ ହୋଇଥିବା ଗ୍ରୀଷ୍ମ କାଳୀନ ଶିବିରରେ ଯୋଗଦେବାପାଇଁ ସୋର ରେଳ ଷ୍ଟେସନରେ ପହଞ୍ଚିଥିବା ଉଦଳା ଅଞ୍ଚଳର ଆଦିବାସୀ ପିଲମାନଙ୍କୁ ନିଜକୁ ବଜରଙ୍ଗ ଦଳ ଓ ଆରଏସଏସ ସହିତ ସମ୍ପୃକ୍ତ ବୋଲି ଦାବି କରୁଥିବା କେତେକ ଅସାମାଜିକ ଯୁବକ ରେଳବାଇ ପୋଲିସ ଓ ଆରପିଏଫ୍ ବାହିନୀର ଉପସ୍ଥିତିରେ ଦୀର୍ଘ ସାତ ଘଣ୍ଟା ଧରି ଅକଥନୀୟ ଅତ୍ୟାଚାର କରିଥିଲେ। ଯୁବତୀ ମାନଙ୍କପ୍ରତି ଅଶାଳୀନ ବ୍ୟବହାର କରିଥିଲେ। ସେଠାରେ ଉପସ୍ଥିତ ଅଭିଭାବକମାନଙ୍କୁ ମଧ୍ୟ ମାରପିଟ କରାଯାଇଥିଲା। ଇତିମଧ୍ୟରେ ୨ ୨ ଦିନ ବିତିଯାଇଥିଲେ ମଧ୍ୟ ଅପରାଧୀ ମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଅପରାଧୀ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ଓ ଅପରାଧୀମାନଙ୍କୁ ପରୋକ୍ଷରେ ସହାୟତା କରିଥିବା ପୋଲିସ ଅଧିକାରୀ ମାନଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣକରିବା ଦାବିରେ ଜୁନ ୫ ତାରିଖରେ ପାର୍ଟି ପକ୍ଷରୁ ପୋଲିସ ମହାନିର୍ଦ୍ଦେଶକଙ୍କୁ ଚାରି ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। କମ୍ରେଡ୍ ବିଶ୍ୱାବସୁ ଦାସ, ବବି ବଳବନ୍ତରାୟ ଓ ସୁକାନ୍ତ ନାୟକ ଏକ ପ୍ରତିନିଧି ଦଳରେ ଯାଇ ଦାବିପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ମାଳବିକା ସାମଲ, ବସନ୍ତ ନାୟକ, ଦୀପକ୍ ଦାସ, ପ୍ରିୟଦର୍ଶନ ପାଢେଲ, ଅକ୍ଷୟ ରାଉଳ, ପ୍ରତାପ ମିଶ୍ର, ସ୍ୱାଧିନୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

★★★

# ସମାଜବାଦୀ କ୍ୟୁବା ଉପରେ ଆମେରିକାର ଆସନ୍ନ ଆକ୍ରମଣ ପରିପ୍ରେକ୍ଷୀରେ ଏସୟୁସିଆଇ( କମ୍ୟୁନିଷ୍ଟ) ପାର୍ଟିର ପ୍ରତିକ୍ରିୟା

ଏସୟୁସିଆଇ (କମ୍ୟୁନିଷ୍ଟ) ଦଳର ସାଧାରଣ ସମ୍ପାଦକ କମ୍ରେଡ୍ ପ୍ରଭାସ ଘୋଷ ମଇ ୨୩ ତାରିଖରେ ଜାରୀ ପ୍ରେସ ବିବୃତ୍ତିରେ କହିଛନ୍ତି ଯେ -

ସମସ୍ତ ଆନ୍ତର୍ଜାତିକ ନୀତି ଓ ନିୟମକୁ ପଦାଘାତ କରି, ଏକ ଗୁପ୍ତ ସାମରିକ ଛଳନାର ଷଡଯନ୍ତ୍ରର ଆଶ୍ରୟ ନେଇ ଭେନେଜୁଏଲାର ରାଷ୍ଟ୍ରପତି ମାଦୁରୋଙ୍କୁ ଅତି ନିନ୍ଦନୀୟ ଭାବେ ଅପହରଣ କଲା ପରେ; ଆଉ ନିଜର କ୍ରୀଡ଼ନକ ଜିଓନିଷ୍ଟ ଇସ୍ରାଏଲକୁ ସାଥୀରେ ଧରି ଇରାନ ଉପରେ ବର୍ବର ଆକ୍ରମଣର ରକ୍ତପାତ ଖେଳାଇଲା ପରେ, ଏବେ ମାର୍କିନ ସାମ୍ରାଜ୍ୟବାଦୀମାନେ ନିଜର ବିନାଶକାରୀ ବନ୍ଧୁକର ନଳୀକୁ ସମାଜବାଦୀ କ୍ୟୁବା ମୁଖା କରିଛି। କଠୋର ଆର୍ଥିକ କଟକଣା ଓ ତୈଳ ଅବରୋଧ ଜାରୀକରି ସେମାନେ କ୍ୟୁବା ବାସୀଙ୍କୁ ଏକ ଭୟଙ୍କର ସଙ୍କଟ ଭିତରକୁ ଠେଲିଦେଇ ଶ୍ୱାସରୁଦ୍ଧ କରିବାକୁ ଉଦ୍ୟମ କରୁଛନ୍ତି।

ଯୁଦ୍ଧ ପାଗଳ ମାର୍କିନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜର କ୍ଷମତା ବିସ୍ତାରର ଲାଳସାରେ ପୃଥିବୀର ପ୍ରତିଟି ଦେଶକୁ ଗ୍ରାସ କରିବାକୁ ବସିଛନ୍ତି। କ୍ୟୁବା ସରକାରକୁ ଧୂଳିସାତ୍ କରି, ଟ୍ରମ୍ପ ସମଗ୍ର ଲାଟିନ୍ ଆମେରିକାରେ ନିଜର ଅବାଧ ଓ ଏକଚ୍ଛତ୍ରବାଦୀ କଳା ସାମ୍ରାଜ୍ୟ ପ୍ରତିଷ୍ଠା କରିବାକୁ ଷଡ଼ଯନ୍ତ୍ର ରଚୁଛନ୍ତି।

୧ ୯ ୫ ୯ ମସିହାର କ୍ୟୁବା ବିପ୍ଳବର ବହ୍ନି ଆମେରିକା ସମର୍ଥିତ ସ୍ୱୈରାଚାରୀ ବାଟିଷ୍ଟା ଶାସନକୁ ଧ୍ୱଂସ କରିଦେଇଥିଲା। ତା ପରଠାରୁ ହିଁ କ୍ୟୁବା ଆମେରିକୀୟ ସାମ୍ରାଜ୍ୟବାଦୀଙ୍କ ଆଖିର କଣ୍ଟା ସାଜିଛି। କାରଣ, କ୍ୟୁବା ସମଗ୍ର ଲାଟିନ୍ ଆମେରିକୀୟ ଜନତାର ମୁକ୍ତି ସଂଗ୍ରାମ ପାଇଁ ପ୍ରେରଣାର ଏକ ଅଫୁରନ୍ତ ଉତ୍ସ ପାଲଟିଥିଲା। ଛଳନା ଓ ପ୍ରତିବିପ୍ଳବର ଜାଲ ବିଛାଇ କ୍ୟୁବା ସରକାରଙ୍କୁ ଗାଦିଚ୍ୟୁତ କରିବାକୁ ଆମେରିକା ବାରମ୍ବାର ଅପଚେଷ୍ଟା କରିଥିଲେ ହେଁ, ସବୁବେଳେ ବିଫଳତାର ସ୍ୱାଦ ଚାଖିଛି।

ଏବେ ସମ୍ପୂର୍ଣ୍ଣ ଅର୍ଥନୈତିକ ଅବରୋଧର କଳାବାଦଲରେ ଆଚ୍ଛାଦିତ କରି ଏବଂ କ୍ୟୁବା ବାସୀଙ୍କ ଜୀବନରେ ଘୋର ଦୁର୍ଦ୍ଦଶା ଭରିଦେଇ, ଆମେରିକା ବର୍ତ୍ତମାନ କ୍ୟୁବା ଉପରେ ଆକ୍ରମଣ କରିବାକୁ ହୀନ ଷଡ଼ଯନ୍ତ୍ର ରଚୁଛି। ଆକ୍ରମଣର ବାହାନା ଖୋଜି ପୂର୍ବତନ ରାଷ୍ଟ୍ରପତି ରାଉଲ୍ କାଷ୍ଟ୍ରୋଙ୍କ ନାମରେ ମିଥ୍ୟା କଳଙ୍କ ଲଗାଉଛି। ମାତ୍ର, ବୀର ଦର୍ପରେ କ୍ୟୁବାବାସୀ ଅନ୍ୟାୟ ଆଗରେ ମୁଣ୍ଡ ନୁଆଁଇବାକୁ ସିଧା ସଳଖ ମନା କରିଦେଇଛନ୍ତି। ସେମାନଙ୍କର ଦୃଢ଼ ଓ ନିର୍ଭୀକ ହୁଙ୍କାର ହେଉଛି— ମାତୃଭୂମି କିମ୍ବା ମୃତ୍ୟୁ - ବିଜୟ ଆମର ସୁନିଶ୍ଚିତ। ବିଶ୍ୱର ସମସ୍ତ ସାମ୍ରାଜ୍ୟବାଦ-ବିରୋଧୀ ମୁକ୍ତିକାମୀ ଜନତାଙ୍କ ସ୍ୱରରେ ସ୍ୱର ମିଳାଇ ଆମେ ସେହି ବୀରମାନଙ୍କୁ ସଲାମ କରୁଛୁ।

ଶକ୍ତିଶାଳୀ ସମାଜବାଦୀ ଶିବିରର ଅନୁପସ୍ଥିତିରେ, ଲଗାମଛଡ଼ା ହୋଇପଡ଼ିଥିବା ଆମେରିକୀୟ ସାମ୍ରାଜ୍ୟବାଦୀମାନଙ୍କର ଏହି ଆନ୍ତର୍ଜାତିକ ଲୁଣ୍ଠନ ଓ ଗୁଣ୍ଡାଗିରିକୁ ଆମେ ତୀବ୍ର ନିନ୍ଦା କରୁଛୁ। କ୍ୟୁବାକୁ ଧ୍ୱଂସ କରି ସେଠାରେ ନିଜର ଦାନବୀୟ ଆଧିପତ୍ୟ ବିସ୍ତାର କରିବାକୁ ଚାହୁଁଥିବା ଆମେରିକୀୟ ସାମ୍ରାଜ୍ୟବାଦୀ ଓ ସେମାନଙ୍କ ସହଯୋଗୀ ମାନଙ୍କର ଏହି କୁତ୍ସିତ ଚକ୍ରାନ୍ତକୁ ଧୂଳିସାତ୍ କରିବା ପାଇଁ, ଆମେ ବିଶ୍ୱର ସମସ୍ତ ସାମ୍ରାଜ୍ୟବାଦ-ବିରୋଧୀ ଶାନ୍ତିକାମୀ ଜନତାଙ୍କୁ ମୈଦାନକୁ ଓହ୍ଲାଇବାକୁ ଆହ୍ୱାନ କରୁଛୁ।'

★★★

Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Odisha E-mail: sarbaharakranti@yahoo.co.in, sarbaharakranti@gmail.com, Website : sarbaharakranti.org
Editor : Bishnu Das